## ସଂକ୍ଷେପରେ

### ସ୍ୱାଗତିକାଙ୍କୁ ସଂସ୍କୃତି ବିଭାଗର ମେଧାବୃତ୍ତି



**ବରଗଡ଼ ଅଫିସ୍,୩୧।୫:** ବରଗଡ଼ ମାଁ ସମଲେଇ ନୁପୁର କଳା ପରିଷଦର ନୃତ୍ୟଶିଳ୍ପୀ ତଥା ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ସାହୁଙ୍କୁ ୨୦୨୧-୨୨ ବର୍ଷ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗର ଜୁନିୟର ମେଧାବୃତ୍ତି ମିଳିଛି। ସେ ଏହା ପୂର୍ବରୁ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପ୍ରାନ୍ତୀୟ ଏବଂ ଜିଲାସ୍ତରରେ ପୁରସ୍କୃତ ହୋଇଥିଲେ। ଅଭିମନ୍ୟୁ ସାହୁ ଏବଂ ପଦ୍ମିନୀଙ୍କ ଝିଅ ସ୍ୱାଗତିକାଙ୍କୁ କେନ୍ଦ୍ର ସଂସ୍କୃତି ବିଭାଗର ଜୁନିୟର ମେଧାବୃତ୍ତି ପାଇଥିବା ସୂଚନା ମିଳିବା ପରେ ଆନନ୍ଦ ପ୍ରକାଶ ପାଇଛି। ମାଁ ସମଲେଇ ନୁପୁର କଳା ପରିଷଦର ନୃତ୍ୟଗୁରୁ ରବିନ୍ଦ୍ର ବାଗଙ୍କୁ ସ୍ୱାଗତିକା ଏହାର ଶ୍ରେୟ ଦେଇଛନ୍ତି।

### ଜ୍ୟୋତିଷ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ବରପାଲି,୩୧।୫(ଡି.ଏନ.ଏ.):** କୋଶଳ ଜ୍ୟୋତିର୍ଜ୍ଞାନ ପଣ୍ଡିତ ମହାସଭା ତରଫରୁ ଆସନ୍ତା ଜୁନ୍ ୬ତାରିଖରେ ବରପାଲି ଜଗନ୍ନାଥ ମନ୍ଦିରରେ ଏକ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସନାତନୀ ବ୍ରାହ୍ମଣ ସମାଜ ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧକ୍ଷତାରେ ସ୍ଥାନୀୟ ନୃସିଂହ ମନ୍ଦିରରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଶଳ ଜ୍ୟୋତିର୍ଜ୍ଞାନ ପଣ୍ଡିତ ମହାସଭା ପକ୍ଷରୁ ହେବାକୁ ଥିବା ଏହି ସମ୍ମିଳନୀ ଉପରେ ଆଲୋଚନା କରାଯାଇଥିଲା। ହେମନ୍ତ ମିଶ୍ର, ସଦାନନ୍ଦ ଦାଶ, ସରୋଜ କୁମାର ଦାଶ, ଡୋଲାମଣି ଦାଶ, ତ୍ରିଲୋଚନ ରାଉତ, ଯଦୁମଣି ତ୍ରିପାଠୀ, ଅନିଲ କୁମାର ମେହେର, ଗୋପାଳ ମିଶ୍ର, ମଧୁ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶରତ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୩୧।୫:** ବରଗଡ଼ ବ୍ଲକ ବିରମାଳ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଲୁବନ ରଣାଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ହାଇସ୍କୁଲର ପୂର୍ବତନ ଶିକ୍ଷକ ଦାଶରଥି ସାହୁ, ବଳିଷ୍ଠ ସାହୁଙ୍କ ସମେତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ରଣାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୂର୍ଯ୍ୟ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ନନ୍ଦଲାଲ ସାହୁ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଏଲିୟ୍ ନନ୍ଦଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଅଧଘଣ୍ଟାରେ ହଜାରେ ଓଏଲ୍ଆର୍ କେସ୍ ଫଇସଲା

**ଚର୍ଚ୍ଚାରେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ**

- ଏକର ପ୍ରତି ୩ ଲକ୍ଷ ବଦଳରେ ୭୫ ହଜାର ଟଙ୍କା ପ୍ରିମିୟମ ଆଦାୟ କରିଥିଲେ
- ବଲାଙ୍ଗୀର ଜିଲାପାଳଙ୍କ ସୁପାରିସ ପରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ସୋନପୁର,୩୧।୫(ନି.ପ୍ର.)**

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଏ ସମ୍ପର୍କିତ ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ଦାଶ ବଲାଙ୍ଗୀରରେ ୫ବର୍ଷ ଧରି ତହସିଲଦାର ଥିଲେ। ଏହି ସମୟରେ ସେ ବେଆଇନ ଭାବେ ବିଭିନ୍ନ ଜମିର କିସମ ପରିବର୍ତ୍ତନ କରିବା ସମୟରେ ଜମି ମାଲିକଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ସବୁଠୁ ବଡ କଥା ହେଲା ତତ୍କାଳୀନ ବଲାଙ୍ଗୀର ତହସିଲଦାର ତା୪।୧୦।୨୦୦୪ରିଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ସ୍ଥାନୀୟ ଚନ୍ଦନଭାଟି ଓ ବ୍ରାହ୍ମଣୀପାଲି ଗ୍ରାମକୁ ଜଳ ବିବାଦର ସମାଧାନ ପାଇଁ ଯାଇଥିଲେ। ତହସିଲଦାରଙ୍କ ଗସ୍ତ ବିବରଣୀ ଓ ଲଗ ବୁକ୍ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ତେବେ ସେହିଦିନ ଅପରାହ୍ନ ସାଢେ ୪ଟାରୁ ସନ୍ଧ୍ୟା ୫ଟା ଭିତରେ ତହସିଲଦାର ଦାଶ ୧୦୦୦ରୁ ଉର୍ଦ୍ଧ୍ୱ ଓଏଲ୍ଆର୍ କେସ୍ର ପ୍ରିମିୟମ ମୂଲ୍ୟାୟନ କରିବା ସହ ଫଇସଲା କରିଥିଲେ, ଯାହାକି ଗୋଟିଏ ସାଧାରଣ ମଣିଷ ପାଇଁ ବାସ୍ତବରେ କରିବା ଅସମ୍ଭବ ବୋଲି ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ତେଣୁ ତାଙ୍କ ବିରୋଧରେ ସରକାରୀ କର୍ମଚାରୀ କଣ୍ଡକ୍ଟ ନିୟମ ୧୯୫୯ ଅନୁସାରେ ଡ୍ରାଫ୍ଟ ଚାର୍ଜ କରାଗଲା ବୋଲି ବଲାଙ୍ଗୀର ଜିଲାପାଳ ରଣା ତାଙ୍କ ପତ୍ର ସଂଖ୍ୟା ୧୫୯୧/ତା୨୩।୫।୨୦୨୩ରିଖରେ ରାଜସ୍ୱପର୍ଷଦସଚିବକଟକଙ୍କୁଜଣାଇଛନ୍ତି।

ଓଏଲ୍ଆର୍ କେସ୍ ନମ୍ବର ୩୫/୨୦୦୫ରେ ବେଆଇନ ଭାବେ ଜମିର କିସମ ପରିବର୍ତ୍ତନ ଯୋଗୁଁ ସରକାରଙ୍କ ରାଜସ୍ୱହାନି ହୋଇଛି। ଅଡିଟ୍ ରିପୋର୍ଟ ଅନୁସାରେ ଆଦେଶ ପରେ ପଞ୍ଜିକୃତ ବିକ୍ରି କବଲା ଅନୁସାରେ କିଣାଯାଇଥିବା ଜମି ଉପରେ ଅନ୍ୟାୟ ଭାବରେ ପ୍ରିମିୟମ ମୂଲ୍ୟାୟନ କରାଯାଇଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହୋଇଛି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ହଜାରେରୁ ଅଧିକ ଓଏଲ୍ଆର୍ କେସ୍ ଧାରା ୮(କ) ଅନୁସାରେ ଆରମ୍ଭ କରାଯାଇଥିଲା। କିନ୍ତୁ ଏଥିପାଇଁ ଜମି ମାଲିକମାନଙ୍କୁ କୌଣସି ନୋଟିସ ଦିଆଗଲାନାହିଁ। ସେହିପରି ସରକାରଙ୍କ ନୋଟିଫିକେଶନ ନଂ. ୩୬୮୮୬/ତା୨୧।୯।୨୦୦୪ ରିଖ ଅନୁସାରେ ଏକର ପ୍ରତି ୩ ଲକ୍ଷ ଟଙ୍କା ପ୍ରିମିୟମ ଆଦାୟ କରିବା ପରିବର୍ତ୍ତେ ଏକର ପ୍ରତି ୭୫ ହଜାର ଟଙ୍କା ଆଦାୟ କରାଗଲା। ବଲାଙ୍ଗୀର ମ୍ୟୁନିସିପାଲିଟିର ଜମି କିସମ ପରିବର୍ତ୍ତନ ବେଳେ ଫର୍ମ ୨୬ ସ୍ପେଶାଲ ଟାଉନ ପ୍ଲାନିଂ ଅଥରିଟିଙ୍କୁ ଦିଆଯାଇ ନ ଥିଲା। ତେଣୁ ସରକାରଙ୍କ ରାଜସ୍ୱ କ୍ଷତି ହେଲା। ଅଡିଟ ରିପୋର୍ଟ ନମ୍ବର ୧୧୦/୨୦୦୯-୧୦ ରେ ପାରା ୨୨ରୁ ୩୨ ଅନୁସାରେ ଓଡିଶା ଭୂସଂସ୍କାର ଆଇନର ଧାରା ୮(କ) ଅନୁସାରେ ମକଦ୍ଦମା ଫଇସଲା କରିବାରେ ଦାଶଙ୍କ ଢିଲାପଣ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସେତେବେଳେ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେବେ ଏହି ରିପୋର୍ଟକୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା । ଫଳରେ ଦାଶ ତହସିଲଦାରରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇବାରେ ସକ୍ଷମ ହୋଇଛନ୍ତି। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବା ପରେ ଏବେ ଖୋଳତାଡ ଆରମ୍ଭ ହୋଇଛି । ପ୍ରକାଶ ଯେ, ୨୦୦୪ ମାର୍ଚ୍ଚ ୧୦ରୁ ୨୦୦୯ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ଧରି ସୂର୍ଯ୍ୟନାରାୟଣ ଦାଶ ବଲାଙ୍ଗୀରର ତହସିଲଦାର ଦାୟିତ୍ୱରେ ଥିଲେ। ସେହିପରି ୨୦୧୧ ମସିହାରୁ ସୁବର୍ଣ୍ଣପୁର ଜିଲାରେ ବିଡିଓ, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ, ଉପଜିଲାପାଳ, ପିଡି ଡିଆରଡିଏ ଓ ଅତିରିକ୍ତ ଜିଲାପାଳ ଭଳି ବିଭିନ୍ନ ପଦବୀରେ ଦୀର୍ଘ ୧୨ ବର୍ଷ ଧରି ଅବସ୍ଥାପିତ ଅଛନ୍ତି।

## ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ କରିଥିବା ହାଇସ୍କୁଲ ସମ୍ବର୍ଦ୍ଧିତ

**ଝାରବନ୍ଧ, ୩୧।୫(ଡି.ଏନ.ଏ.)**

ଗତ ମାଟ୍ରିକ ବାର୍ଷିକ ସାର୍ଟିଫିକେଟ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ କରିଥିବା ହାଇସ୍କୁଲଗୁଡିକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି, ଏବିଇଓ ଜୟକୁମାର ସାହୁ, ମହେନ୍ଦ୍ର ପ୍ରଧାନ ଓ ଦିବ୍ୟକିଶୋର ପଣ୍ଡା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଝାରବନ୍ଧ ବ୍ଲକର ଶତ ପ୍ରତିଶତ ରେଜଲ୍ଟ କରିଥିବା ଡ଼ଭା, ଗୌଡ଼ମାଳ, ଗୋଠୁଗୁଡା, ଦେୱାନପାଲି, ବଡ଼ଅନକି, କୁରଲୁପାଲି, ଅମଠି, ବିଳାସପୁର, ଚଣ୍ଡୀଭଟା, କନ୍ଦାଡ଼ୁଙ୍ଗର, କୁମ୍ଭୀର ଓ ତୁର୍ଲା ହାଇସ୍କୁଲକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଅଶୋକ ପୁରୋହିତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସିଙ୍ଗାପୁର ବାହାରିଲେ ଏସ୍ଏଚ୍ଜି ମହିଳା



ସିଙ୍ଗାପୁର ଗସ୍ତ କରୁଥିବା ଏସ୍ଏଚ୍ଜି ମହିଳାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ବରଗଡ଼ ଅଫିସ୍,୩୧।୫**

ରାଜ୍ୟ ସରକାର ମିଶନ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ବଜାର ବ୍ୟବସ୍ଥାରେ ଜ୍ଞାନ ଆହରଣ, ଅଧିକ ଉପଲବ୍ଧି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ବିଦେଶ ଯାତ୍ରାକୁ ଗୁରୁତ୍ୱ ଦିଆଯାଉଛି। ଆସନ୍ତା ଜୁନ ୩ତାରିଖରେ ବରଗଡ଼ ଜିଲା ଏସ୍ଏଚ୍ଜି ମହିଳା ମହାସଂଘର ସଭାନେତ୍ରୀ ଝରଣା ଦାଶ ୩ ଦିନିଆ ସିଙ୍ଗାପୁର ଯାତ୍ରାରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଭଳି ସୁଯୋଗ ପାଇ ଝରଣା ଖୁସି ପ୍ରକାଶ କରିଥିବାବେଳେ ବୁଧବାର ସ୍ଥାନୀୟ ମିଶନ ଶକ୍ତି ଭବନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଝରଣାଙ୍କ ସଫଳ ଯାତ୍ରା ପାଇଁ ଶୁଭକାମନା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲାପାଳ ମୋନିଷା ବାନାର୍ଜୀ, ସିଡ଼ିପିଓ ପାର୍ବତୀ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ସାବିତ୍ରୀ କୁମୁରା, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ଅନୀଲ ଡାହାଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ମାଣ୍ଡୋସିଲ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ପାଇକମାଳ,୩୧।୫(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଭାଜପାର ମାଣ୍ଡୋସିଲ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଉପ ସଭାପତି ସରୋଜ ସାମଲ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ ଓ ମନ କି ବାତ୍ର ସଂଯୋଜକ ସତ୍ୟ ବେହେରା ଉପସ୍ଥିତ ରହି ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ମହା ଜନସମ୍ପର୍କ ଅଭିଯାନ ଏବଂ ଜୁନ୍ ୩୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଲଳିତ ଜଗତ ସଭା ପରିଚାଳନା କରିଥିଲେ। ବୈଠକରେ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ସାଧାରଣ ସମ୍ପାଦକ ନରୋତ୍ତମ ଦାସ, ଜିଲା ପରିଷଦ ପ୍ରତିନିଧି ମଙ୍ଗନ ବରିହା, ସମସ୍ତ ବୁଥ୍ ପ୍ରମୁଖ, ସହ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଲବାନ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଜ ଖର୍ଚ୍ଚରେ ରୋଗୀଙ୍କୁ ଯୋଗାଉଛନ୍ତି ରକ୍ତ

**ପାଇକମାଳ,୩୧।୫(ଡି.ଏନ୍.ଏ.)**

**ଗୋଟିଏ ମାସରେ ୭୬ ୟୁନିଟ୍ ରକ୍ତଦାନ**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମର ଡ. ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘର ସଦସ୍ୟମାନେ ରୋଗୀମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଉଦାହରଣ ସାଜିଛନ୍ତି। ସେମାନେ ଗୋଟିଏ ମାସରେ ବିଭିନ୍ନ ଡାକ୍ତରଖାନାକୁ ନିଜ ଖର୍ଚ୍ଚରେ ଯାଇ ରକ୍ତ ଆବଶ୍ୟକ କରୁଥିବା ୭୬ ଜଣ ରୋଗୀଙ୍କୁ ରକ୍ତଦାନ କରିସାରିଲେଣି। ଜିଲା ଯେକୌଣସି ଡାକ୍ତରଖାନାରୁ କେହି ଚିହ୍ନା କି ଅଚିହ୍ନା ଲୋକ ଫୋନ୍ କରି କେଉଁ ଗ୍ରୁପ୍ର ରକ୍ତ ରୋଗୀଙ୍କୁ ଦରକାର ଜଣାଇଲେ ଅନୁଷ୍ଠାନର ସଦସ୍ୟ ତୁରନ୍ତ ସେଠାକୁ ପହଞ୍ଚିଥାନ୍ତି। ୨୦୧୧ ଜୁଲାଇ ୨୧ରେ ୫ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ସହ ବର୍ତ୍ତମାନ ୨୫୦ ମହିଳା ପୁରୁଷ ରକ୍ତଦାତା ଯୋଡ଼ି ହୋଇଛନ୍ତି। ନିଳୟ ସାହୁ, ନରେଶ ସାହୁ, ନରେନ୍ଦ୍ର ବଚ୍ଛା, ଟିଟୁ ସାହୁ, ରୂପକ ସେଟ, ଥବିର ରଣା, ଜିତୁ ସାହୁ, ବୁଲୁ ସାହୁ, ଦୀପକ ସାହୁ, ସତ୍ୟ ସାହୁ, ସୁରଥ ସାହୁ, ନିକୁ ସାହୁ, ସତ୍ୟବାନ ଧରୁଆ, କାହ୍ନା ସାହୁ, ଟୁନା ପୃଷ୍ଟି, ସୁଦାମ ଦାସ,ମଣ୍ଟୁ ସାହୁ, ବିନୟ ସାହୁ, ରାମକିଶନ ହଂସ, ଆଦର୍ଶ ସାହୁ, ରତିକାନ୍ତ ସାହୁ, ତରୁଣ ତାଣ୍ଡି, ତେଜବନ୍ତ କେତକୀ, ସ୍ୱତନ୍ତ୍ର ସାହୁ, ପ୍ରମୋଦ ସାହୁ, ପ୍ରମୋଦ ଦାସ, କବି ସାହୁ, ସୁଶାନ୍ତ ସାହୁ, ଆନନ୍ଦ ସାହୁ, ରାକେଶ ସାହୁ, ହିରୋଜ ଛତ୍ରିଆ, ରାଜା ସାହୁ, ଅଜିତ ପ୍ରଧାନ, ଗଙ୍ଗାଧର ରଣା, ସୁନିଲ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଏହି ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ସଂଘର ଯେ କୌଣସି ବ୍ୟକ୍ତିଙ୍କୁ ଯୋଗାଯୋଗ କଲେ ରକ୍ତଦାନ କରି ରୋଗୀ ମୁହଁରେ ହସ ଫୁଟାଉଛୁ ବୋଲି ସଂଘର ଉପଦେଷ୍ଟା ପତିତପାବନ ସାହୁ କୁହନ୍ତି ।

# ମୋଟର ପମ୍ପ ଚୋରି କରିନେଲେ ଦୁର୍ବୃତ୍ତ

**ପାନୀୟଜଳ ଯୋଗାଣ ଠପ୍**

**ବରଗଡ଼ ଅଫିସ୍,୩୧।୫**



ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କନକବିରା ଗ୍ରାମରେ ରହିଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ତାରକୁ କାଟିଦେବା ସହ ମୋଟର ପମ୍ପକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଫଳରେ ୩ସପ୍ତାହ ହେଲା ଉକ୍ତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଅନ୍ୟପଟେ ଗ୍ରାମରେ ପ୍ରକଳ୍ପ ଅଚଳ ହେବା ଦିନଠାରୁ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇ ପଡ଼ିଛି। ତୁରନ୍ତ ନୂତନ ମୋଟର ପମ୍ପ ସ୍ଥାପନ ସହିତ ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି। ଏହି ଦାବି ନେଇ ବୁଧବାର ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଗ୍ରାମରେ ପାନୀୟଜଳ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି।

ପ୍ରକାଶ ଯେ, କନକବିରା ଗ୍ରାମର ରଥଦାଣ୍ଡ ପଡ଼ିଆ ପାଖରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ରହିଛି । ଗ୍ରାମପଞ୍ଚାୟତ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ପମ୍ପ ଡ୍ରାଇଭର ସେହି ପ୍ରକଳ୍ପରୁ ପାନୀୟଜଳ ଯୋଗାଣ କରି ଆସୁଥିଲେ। ତେବେ ଗତ ୭ତାରିଖରେ କେହି ଦୁର୍ବୃତ୍ତ ଉକ୍ତ ପ୍ରକଳ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର କାଟି ନେଇଥିବାବେଳେ ପରଦିନ ସେଠାରୁ ମୋଟର ପମ୍ପକୁ ଚୋରି କରି ନେଇଥିଲେ। ଫଳରେ ସେହିଦିନଠାରୁ ଉକ୍ତ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି ଏବଂ ଗ୍ରାମକୁ ଆଉ ପାନୀୟଜଳ ଯୋଗାଣ ହୋଇପାରୁନାହିଁ । ଅନ୍ୟପଟେ ଗ୍ରୀଷ୍ମରେ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ମହିଳାମାନେ କହିଛନ୍ତି । ଗ୍ରାମର ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ ପାଇଁ ମହିଳାମାନେ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ହିତାଧିକାରୀ ଚିହ୍ନଟ ଶିବିର

**ଅମ୍ବାଭୋନା,୩୧।୫(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ପରିସରରେ ବୁଧବାର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟତା ପ୍ରଦାନ ପାଇଁ ହିତାଧିକାରୀ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଡ଼ିଓ ପ୍ରଣବ କୁମାର ଚାନ୍ଦ, ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ସହାୟତା ପ୍ରଦାନ ପାଇଁ ଶିବିରରେ ଅମ୍ବାଭୋନା ବ୍ଲକର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ କରାଯାଇଥିଲା। ଶିବିରରେ ଡା. ଗୌରୀଶଙ୍କର ବେହେରା, ନିହାର ରଞ୍ଜନ ସିଂ, ରାହୁଲ ଶର୍ମା ପ୍ରମୁଖ ଯୋଗଦାନ କରିଥିଲେ। ୨୦୦ ଦିବ୍ୟାଙ୍ଗ ଏବଂ ୨୩ବରିଷ୍ଠ ନାଗରିକଙ୍କୁ ସହାୟତା ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଅମ୍ବାଭୋନା ବ୍ଲକ କର୍ମଚାରୀ ଏବଂ ନବଜ୍ୟୋତି ଦିବ୍ୟାଙ୍ଗ ସଙ୍ଗଠନର ସଭ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଧାନଶସ୍ୟ କାଟ ପରୀକ୍ଷଣ କାର୍ଯ୍ୟକ୍ରମ



ତେନ୍ତୁଲିପାଲି ଗ୍ରାମରେ ଶସ୍ୟକାଟ ପରୀକ୍ଷା କରାଯାଉଛି।

**ବରପାଲି,୩୧।୫(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ତେନ୍ତୁଲିପାଲି ଗ୍ରାମରେ ସିସିଏକ୍ସ ଓ ମହାଶକ୍ତି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛ। ବିଶେଷକରି ଓଦା ଶୁଖିଲା ଜଳ ପରିଚାଳନା ପଦ୍ଧତିରେ ଧାନଚାଷ ହୋଇଥିବା ବେଳେ ବାୟୁ ମଣ୍ଡଳ ମିଥେନ ଗ୍ୟାସମୁକ୍ତ ଏବଂ ଫସଲ ଭଲ ହୋଇଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତେନ୍ତୁଲିପାଲି ଗ୍ରାମର ଚାଷୀ ହୃଷିକେଶ ପଧାନଙ୍କ ଚାଷ ଜମିରେ ୫ ମିଟର ଲମ୍ବ ଓ ଓସାର ବିଶିଷ୍ଟ ପ୍ଲଟରେ ଶସ୍ୟ କାଟ ପରୀକ୍ଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ କୃଷି ବିଭାଗ ସ୍କିମ ଅଫିସର ମାମିନୀ ଭୋଇ, ସିସିଏକ୍ସର ପ୍ରକଳ୍ପ ଅଧିକାରୀ ସ୍ମୃତି ରଞ୍ଜନ ସେଠୀ, ମହାଶକ୍ତି ଫାଉଣ୍ଡେଶନ ସମ୍ପାଦିକା ରୋଜାଲିନ ଭୂୟାଁ, ଆଗଲପୁର ପାକ୍ସ ଅଧକ୍ଷ ବିରୋସେନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଚାଷୀ ହୃଷୀକେଶ ପଧାନ, ମିଳୁ ରଣା, ମହାଶକ୍ତି ଫାଉଣ୍ଡେଶନର ସୁବୋଧ କୁମାର ସାହୁ, ଦେବରାଜ ରଣା, ମନୋଜ ରଣା ଉପସ୍ଥିତ ଥିଲେ।

## ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ପାଇକମାଳ,୩୧।୫(ଡି.ଏନ୍.ଏ.)**

ବରଗଡ଼ଜିଲାପାଇକମାଳବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁବାସ ପ୍ରଧାନଙ୍କ ନିମନ୍ତେ ଏକ ବିଦାୟକାଳୀନ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ରଞ୍ଜିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଧାନ ୧୯୯୦ରୁ ଏହି ଅନୁଷ୍ଠାନରେ ଶିକ୍ଷାଦାନ କରି ବହୁ ସୁନାମ ଅର୍ଜନ କରିଛନ୍ତି। ସେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ। ଏହି ସଭାରେ ଅଧ୍ୟାପକ ଜୟଦେବ ପ୍ରଧାନ, ମିନକେତନ ବେହେରା, ରାଜେନ୍ଦ୍ର ସାହୁ, ସୁନିଲ ପ୍ରଧାନ, ମଧୁସ୍ମିତା ପ୍ରଧାନ, ନିରୁପମା ପ୍ରଧାନ, ଖେଳ ଶିକ୍ଷକ ରାଧାକାନ୍ତ ପୁରୋହିତ, ସର୍ବ ପୁରାତନ ଛାତ୍ର ଟାଇଲ ଭୋଇ, କର୍ମଚାରୀ ରଞ୍ଜିତ ପ୍ରଧାନ, ଅମ୍ଳାନ ପଣ୍ଡା, ଅନ୍ତରାମ ପୋଢ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସବିତା ଭୋଇ ଧନ୍ୟବାଦ ଦେଇଥିଲେ।





ସଭାରେ ମଞ୍ଚାସୀନ ଅତିଥିଗଣ।

# ଜିଲାପାଳଙ୍କୁ ଫେରାଦ ହେଲା ଆପ୍

**ବରଗଡ଼ ଅଫିସ୍,୩୧।୫**





ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ବରଗଡ଼ ସମବାୟ ଚିନିକଳକୁ ବିକ୍ରି ପାଇଁ ମସୁଧା ଚାଲିଥିବା ଆମ୍ ଆଦ୍ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। ଉକ୍ତ ଚିନିକଳକୁ ବିକ୍ରି ନ କରିବା ପାଇଁ ଦଳ ଦାବି କରିଛି। ଏହି ଦାବି ନେଇ ବୁଧବାର ଆପ୍ର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଚିନିକଳ ସହିତ ଜିଲାର ଅର୍ଥକରୀ ଫସଲ ଆଖୁଚାଷ ନିର୍ଭର କରିଆସୁଥିଲା। ମାତ୍ର ଚିନିକଳ ବନ୍ଦ ହେବା ଦିନଠାରୁ ଜିଲାର ଆଖୁଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଏଭଳିସ୍ଥଳେ ଚିନିକଳର ପୁନରୁଦ୍ଧାର କରିବା ବଦଳରେ ରାଜ୍ୟ ସରକାର ତାକୁ ବିକ୍ରି ପାଇଁ ଯୋଜନା ଚଳାଇଥିବା ଆପ୍ ଅଭିଯୋଗ କରିଛି। ଏହାକୁ ବିକ୍ରି କରିଦେଲେ ଜିଲା ଏକ ଶିଳ୍ପାନୁଷ୍ଠାନ ହରାଇବା ସହ ଚାଷୀମାନେ ଆଖୁଚାଷ ପ୍ରତି ମୁହଁ ଫେରାଇ ଆହୁରି କ୍ଷତିଗ୍ରସ୍ତ ହେବେ। ଫଳରେ ଚିନିକଳକୁ ବିକ୍ରି କରା ନ ଯାଇ ଏହାର ପୁନରୁଦ୍ଧାର କରାଯାଉ ବୋଲି ଆପ୍ ଦାବି କରିଛି । ଦଳର ଜିଲା ଆବାହକ ଭବାନୀ ସାହୁଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଜିଲା ଯୁଗ୍ମ ସମ୍ପାଦକ ଅବିନାଶ ବାଗ, ଯୁବନେତା ସୁବଳ କହରା, ସରୋଜ ସାଗର, ଅଲିମ ରିଜ୍ୱୀ, ଲତିକା ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରକଳ୍ପ ଉଦ୍‌ଘାଟନ, ଜମି ପଟ୍ଟା ବଣ୍ଟନ



**ଗୁଡ଼ଭେଲା,୩୧।୫ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ବିଭିନ୍ନ ପ୍ରକଳ୍ପକୁ ବୁଧବାର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏଫଆରଏ ଓ ବସୁନ୍ଧରା ଯୋଜନାରେ ୨୬ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ, ଆହାର କେନ୍ଦ୍ର, ବିଜୁବାବୁଙ୍କ ପ୍ରତିମୂର୍ତ୍ତି, ଓପନ ଜମି ଉନ୍ନୟନ, ଅମୃତଧାରା ଆଦି ପ୍ରକଳ୍ପ ଉଦଘାଟିତ ହୋଇଥିଲା। ବିଜୁପଟ୍ଟନାୟକ ସ୍ମାର୍ଟ ପାର୍କଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାର ତୁଷୁରାର ଉନ୍ନତିକରଣ ପାଇଁ ବିଭିନ୍ନ ପ୍ରକଳ୍ପ କରି ଚାଲିଛନ୍ତି ବୋଲି କହିଥିଲେ। ଜିଲାପାଳ ଚଞ୍ଚଳ ରାଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ପଡି ତୁଡା ସୁଦର୍ଶନ ସାଏ, ଆଇପିଏସ ଏ.ମିନା, ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ, ଉପାଧକ୍ଷା ମାମୀ ଦାଶ, ତହସିଲଦାର ରବିନ୍ଦ୍ର କୁମାର ପଟେଲ , ଗୁଡ଼ଭେଲା ବିଡିଓ ଗୁରେଶ୍ୱର ଭୋଇ ମଞ୍ଚାସୀନ ଥିଲେ। ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୨ ଚାଷୀଙ୍କ ୫ଶହ କୁଇଣ୍ଟାଲ ଧାନ ଉଠିଲା

**ଲୋଇସିଂହା,୨୯।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପ୍ରାଥମିକ କୃଷି ସମବାୟ ସମିତିରେ ରବିଧାନ କିଣା ବୁଧବାର ଶୁଭାରମ୍ଭ ହୋଇଛି। ତହସିଲଦାର ସରୋଜା ବେହେରା ଅତିଥିଭାବେ ଯୋଗଦେଇ ଧାନକିଣାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୨ ଜଣ ଚାଷୀଙ୍କ ଠାରୁ ୫ ଶହ କୁଇଣ୍ଟାଲ ଧାନ କିଣାଯାଇଛି। ବୋର୍ଡ ସଭାପତି ଶଶାଙ୍କ ଶେଖର ଭୋଇଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ସମିତି ସମ୍ପାଦକ ସିଦ୍ଧାର୍ଥଶେଖର ସାହୁଙ୍କ ସମେତ ବୋର୍ଡ ସଦସ୍ୟ ଓ ଚାଷୀମାନେ ଉପସ୍ଥିତଥିଲେ। ପାକ୍ସ ଅଧୀନ ରୋତ, ଫଟାମୁଣ୍ଡା, ନୂଆପାଲି ଆଦି ୧୩ ଖଣ୍ଡ ଗ୍ରାମର ୭୯ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାକ୍ସରୁ ୩୬ଶହ କୁଇଣ୍ଟାଲ ଧାନ ଉଠିବ ବୋଲି ସମ୍ପାଦକ ସାହୁ କହିଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୩୧।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ ଡାଲଗୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମ ପ୍ରସାଦ ଧରୁଆଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡାଲଗୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ସତ୍ୟବାନ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝି, ମୂଖ୍ୟବକ୍ତା ଚିତାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଗାମ୍ବର ଦଳପତି, ସମ୍ମାନିତ ଅତିଥି ସିଆରସିସି ଈଶ୍ୱର ଚନ୍ଦ୍ର ନାଏକ, ଗଗନ ବିହାରୀ ପଟ୍ଟନାୟକ, ଲିଙ୍ଗରାଜ ନାଏକ, ଅବସର ପ୍ରାପ୍ତ ଶିକ୍ଷକ ଅଗସ୍ତି ରାଉତ ପ୍ରମୁଖ ମଞ୍ଚାସୀନ ରହି ଶିକ୍ଷକଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ। କାର୍ଯ୍ୟକ୍ରମ ଈଶ୍ୱରୀ ପ୍ରସାଦ ଅଗସ୍ତି ପରିଚାଳନା କରିଥିବା ବେଳେ ଶ୍ରୀମନ୍ତ ଧରୁଆ, କ୍ଷୀରୋଦ କୁମାର ପଣ୍ଡା, ଉଦ୍ଧବ ଧରୁଆ, ମନମୋହନ ନାଏକ, ରଞ୍ଜିତ କୁମାର ଖମାରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

# ଖଣି, ଜଙ୍ଗଲ, ଜମି ଜିଲାବାସୀଙ୍କ ସମ୍ପତ୍ତି

## ୧୮ ଦଫା ଦାବିରେ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ ପ୍ରଦର୍ଶନ

**ବଲାଙ୍ଗୀର ଅଫିସ, ୩୧।୫**



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବଲାଙ୍ଗୀର ଜିଲା ପରିଷଦ କମିଟି ପକ୍ଷରୁ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୧୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଣ୍ଡବ ଭୋଇ ଓ ଗୋପାଳ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ପୂର୍ବରୁ ଏକ ରାଲି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲା। ଏହି କାର୍ଯ୍ୟକ୍ରମରେ ପସ୍କୋ ଆନ୍ଦୋଳନର ଚର୍ଚ୍ଚିତ ନେତା ଅଭୟ ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ଯେ, ବଲାଙ୍ଗୀର ଜିଲାର ଖଣି, ପାଣି, ଜଙ୍ଗଲ, ଜମି ସୁରକ୍ଷା କରିବା ନିହାତି ଜରୁରୀ। ଏହି ଖଣି, ପାଣି, ଜଙ୍ଗଲ, ଜମିରେ ପ୍ରଥମେ ବଲାଙ୍ଗୀର ଜିଲାର ଜନସାଧାରଣଙ୍କ ଅଧିକାର ରହିଛି। ସରକାର ଅବିଚାରିତ ଭାବେ ଖଣିଜ ସମ୍ପଦ ସହ ଜଙ୍ଗଲ ସମ୍ପଦ ବିକ୍ରି କରୁଛନ୍ତି। ଏହାକୁ ବନ୍ଦ କରିବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ସେ ବିଜେଡି, ଭାଜପା, କଂଗ୍ରେସ ଦଳକୁ କଡା ସମାଲୋଚନା କରିଥିଲେ। ପୋସ୍କୋ ଆନ୍ଦୋଳନର କଥା କହି ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ବେକାରୀଙ୍କୁ ଯୋଗ୍ୟତ ଅନୁଯାୟୀ କାମ ନଚେତ ବେରୋଜଗାର ଭତ୍ତା ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଏହା ସହିତ ମଧୁବାବୁ ପେନ୍‌ସନ୍, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ମାସିକ ୫ ହଜାର ଟଙ୍କାକୁ ବୃଦ୍ଧି, ଜାତୀୟ କର୍ମନିଯୁକ୍ତି ଯୋଜନା ଜବକାର୍ଡଧାରୀଙ୍କୁ ବାର୍ଷିକ ୨୦୦ ଦିନର କାମ ଗ୍ୟାରେଣ୍ଟି, କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ କଳା ଆଇନ ପ୍ରତ୍ୟାହାର, ଆଦିବାସୀଙ୍କ ଜଙ୍ଗଲ ଜମି ଓ ଜଙ୍ଗଲଜାତ ସାମଗ୍ରୀ ଉପରେ ଅଧିକାରକୁ ସ୍ୱୀକାର କରାଯିବା, ଭୂମିହୀନ ଓ ଗରିବଙ୍କୁ ଘରଡିହ, ଜମି ପଟ୍ଟା ପ୍ରଦାନ ସହ ୧୮ଟି ଦାବି ପୂରଣ କରାଯିବାକୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଜିଲା ବିଭିନ୍ନ ବ୍ଲକ୍‌ର ଶତାଧିକ ଜନସାଧାରଣ, ପାର୍ଟି ସଦସ୍ୟ ଯୋଗଦାନ କରିଥିଲେ। ଗୋପାଳ ଭୋଇ ବକ୍ତବ୍ୟ ରଖିଥିଲେ।

# ମନ୍ଦିର ଉନ୍ନତୀକରଣରେ ଅଣଦେଖାର ପ୍ରତିବାଦ



ଖବରଦାତା ସମ୍ମିଳନୀରେ ଦେବାଳୟ ସୁରକ୍ଷା କମିଟି କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ, ୩୧।୫**

ବଲାଙ୍ଗୀରର ମନ୍ଦିର ଉନ୍ନତିକରଣରେ ସରକାରୀ ଅଣଦେଖା ଓ ଅବହେଳା ପ୍ରଦର୍ଶନ କରାଯାଉଛି। ଏହାର ପ୍ରତିବାଦ କରିଛି ଦେବାଳୟ ସୁରକ୍ଷା କମିଟି। କମିଟି ପକ୍ଷରୁ ବୁଧବାର ବଲାଙ୍ଗୀର ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ ଦେବାଳୟ ଗୁଡିକର ଉନ୍ନତିକରଣ କରାଯାଉଥିବାବେଳେ ବଲାଙ୍ଗୀରର ଦେବାଳୟ ଗୁଡିକୁ ପାତର ଅନ୍ତର କରାଯାଉଛି ବୋଲି କମିଟି ଆବାହକ ପ୍ରଶାନ୍ତ ମହାକୁର, ସୂଚନାକର୍ମୀ ଶମ୍ଭୁ ପ୍ରସାଦ ଶତପଥି, ସିନିୟର ସିଟିଜନ ଫୋରମ୍ ସଭାପତି ପ୍ରଭାକର ମିଶ୍ର, ସମଲେଇ ମନ୍ଦିର ଆଳତି କମିଟି ସଭାପତି ବିକାଶ ସା ଅଭିଯୋଗ କରିଥିଲେ। ବଲାଙ୍ଗୀର ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୋପାଳଜୀ ମନ୍ଦିରର ଉନ୍ନତି ପାଇଁ ୪ଟି ପ୍ରସ୍ତାବ ରଖାଯାଇଥିଲା। ଏହାର ଏଷ୍ଟିମେଟ ୧୭ ଲକ୍ଷ ୮୦ ହଜାର ୨୭୪ ଟଙ୍କା ହୋଇଥିଲା। ପାଟଣେଶ୍ୱରୀ ମନ୍ଦିରର ମରାମତି କାର୍ଯ୍ୟ ପାଇଁ ୩ଟି ପ୍ରସ୍ତାବ ଦିଆଯାଇଥିଲା। ଉପଜିଲାପାଳ ଦେବୋତ୍ତର କମିଶନରଙ୍କୁ ଏଷ୍ଟିମେଟ ମଞ୍ଜୁରୀ ପାଇଁ ପଠାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ପ୍ରସ୍ତାବ ମଞ୍ଜୁରୀ ହୋଇନାହିଁ। ସେହିପରି ସମଲେଶ୍ୱରୀଙ୍କ ମନ୍ଦିରରେ ୧୦ ଲକ୍ଷ ଟଙ୍କାର ଅନୁମୋଦନ ହେଲା ବୋଲି କୁହାଯାଇଥିଲା। କିନ୍ତୁ ସେହି ଟଙ୍କାରେ ସେଭଳି କିଛି ଆଖି ଦେଖାଗଲା ଭଳି କାର୍ଯ୍ୟ କରାଗଲାନାହିଁ। ତେବେ ବଲାଙ୍ଗୀର ଦେବୋତ୍ତର ବିଭାଗ ତରଫରୁ ଯେଉଁ ପ୍ରସ୍ତାବ ଗୁଡ଼ିକ ମଞ୍ଜୁରୀ ପାଇଁ ପଠାଯାଉଛି ତାକୁ କାହିଁକି ଗୁରୁତ୍ୱ ପ୍ରଦାନ କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ବଲାଙ୍ଗୀର ଦେବୋତ୍ତର ବିଭାଗ ଦେବୋତ୍ତର ସମ୍ପତିରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ପାଉଛି। ସେହି ଟଙ୍କା କୁଆଡେ ଯାଉଛି ଓ ସେସବୁ କେଉଁଠି ଖର୍ଚ୍ଚ କରାଯାଉଛି ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ମନ୍ଦିର ଗୁଡିକ ଶୋଚନୀୟ ହୋଇ ପଡିରହିଛି। ଏଦିଗରେ ପ୍ରଶାସନ, ନେତା ସମସ୍ତେ କାହିଁକି ଚୁପ୍ ଅଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ବର୍ଷା ପୂର୍ବରୁ ଦେବାଳୟ ଗୁଡ଼ିକର ସୁରକ୍ଷା କରାଯାଉ ନଚେତ୍ ଦେବାଳୟ ସୁରକ୍ଷା କମିଟି ଆନ୍ଦୋଳନ ପନ୍ଥା ଆପଣେଇବାକୁ ବାଧ୍ୟ ହେବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା।

# ଆଇଟିଆଇ, ପଲିଟେକ୍‌ନିକରେ ଝିଅଙ୍କ ସଂଖ୍ୟା ବଢ଼ାଇବା ଲକ୍ଷ୍ୟ



ଜିଲା ଦକ୍ଷତା ପରିଷଦ ବୈଠକରେ ଆଲେଚନା କରାଯାଉଛି।

## ଜିଲା ଦକ୍ଷତା ପରିଷଦ ବୈଠକ

**ଭବାନୀପାଟଣା,୩୧।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ସଭାଗୃହଠାରେ ବୁଧବାର ଚତୁର୍ଥ ଜିଲା ଦକ୍ଷତା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ଜିଲା ଦକ୍ଷତା ପରିଷଦ ଆବାହ ଅଜିତ କୁମାର ଉତ୍ତରାୟ ବୈଠକ ଆଭିମୁଖ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଆଇଟିଆଇ ଓ ପଲିଟେକ୍ନିକରେ ବାଳିକାଙ୍କ ସଂଖ୍ୟା ବଢାଇବା ପାଇଁ ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ମିଶନ ଶକ୍ତି ବିଭାଗ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରୀ ଓ ଆଇଟିଆଇ, ପଲିଟେକ୍ନିକ ଅଧକ୍ଷମାନଙ୍କୁ ଅଧିକରୁ ଅଧିକ ପରାମର୍ଶ ଶିବିର ଓ ସ୍ୱଟ ରେଜିଷ୍ଟ୍ରସନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ ଚାଲୁଥିବା ସମସ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ନିଯୁକ୍ତି ମେଳା/ନିଯୁକ୍ତି ଅଭିଯାନର ଜିଲାପାଳ ସମୀକ୍ଷା କରିବା ସହ ସମସ୍ତ ଅଧିକାରୀଙ୍କୁ ଏକତ୍ରିତ ହୋଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସୂଚନା ଅନୁସାରେ ୨୦୨୨-୨୩ ବର୍ଷରେ ଜିଲା ନିୟୋଜନ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ନିଯୁକ୍ତି ମେଳାରେ ୬୦ଟି ବିଭିନ୍ନ ନିଯୁକ୍ତିଦାତା କମ୍ପାନୀ ଯୋଗଦେଇ ଜିଲାର ମୋଟ ୭୧୯ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଆତ୍ମ ନିର୍ଭରଶୀଳ ଦକ୍ଷତା ବିକାଶରେ ପ୍ଲମ୍ବିଂ, ବିଉଟି କେଆର୍, ବାମ୍ବୁ କ୍ରାଫ୍ଟ, ଟେଲରିଂ, ୱେଲ୍ଡିଙ୍ଗ, ମୋଟରସାଇକେଲ ମରାମତି, ଇଲେକ୍ଟ୍ରିସିୟନ, ସେଲ ଫୋନ ମରାମତି ଇତ୍ୟାଦିର ବ୍ୟବସ୍ଥା ରହିଛି। ବୈଠକରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ସରକାରୀ ପଲିଟେକ୍ନିକ ଭବାନୀପାଟଣା ଅଧକ୍ଷ ଅମୁଲ୍ୟ କୁମାର ପଣ୍ଡା, ଆଇଟିଆଇ ଅଧକ୍ଷ ସ୍ନେହାଶିଷ ମୁଦୁଲି, ଜର୍ଜ କେର୍କେଟା, ଅମୃତ ପାଢୀ, ପ୍ରଶାନ୍ତ ମିଶ୍ର, ଅଭିନୟ ପ୍ରତାପ ଓ ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଉଦୟନ ମହାପାତ୍ର ଓ ଅମ୍ବୁଜ ତିୱାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଏପାସ ରାସ୍ତା ପାଇଁ ବୈଠକ

**ଦେଓଗାଁ,୩୧।୫ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଓ ସାଲେପାଲିରେ ବାଏପାସ ରାସ୍ତା ପାଇଁ ସାଲେପାଲିରେ ଏକ ସାମୂହିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକଙ୍କ ଧନଜୀବନ ସୁରକ୍ଷା ଓ ଗମନାଗମନର ସୁବିଧା ପାଇଁ ଜରାସିଂହା ଓ ସାଲେପାଲି ଗାଁରେ ବାଏପାସ ରାସ୍ତା ନିର୍ମାଣ ଜରୁରି ବୋଲି ମତପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଉକ୍ତଗାଁରେ ଲୋକେ ଆବଶ୍ୟକ ଜମି ଯୋଗାଇ ଦେବା ସହ ବାଏପାସ ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଏ ସମ୍ପର୍କରେ ଆସନ୍ତା ସପ୍ତାହେ ମଧ୍ୟରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ତ୍ତ ସଚିବ ବି. ଭି.ଜାଦବ ଏବଂ ମୁଖ୍ୟମନ୍ତ୍ରୀ ଦପ୍ତରକୁ ଏକ ପ୍ରତିନିଧି ଦଳ ଯାଇ ଦାବିପତ୍ର ପ୍ରଦାନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଆଲୋଚନାରେ ସରପଞ୍ଚ ବଲ୍ଲଭି ସାହୁ, ଜରାସିଂହା ସରପଞ୍ଚ କୁଶମଣି ମେହେର, ସଚ୍ଚିଦାନନ୍ଦ ପାଢ଼ି, ସରୋଜ କୁମାର ସାହୁ, ଦଶରଥ କୁମାର ସାମଲ, ହେମନ୍ତ କୁମାର ସାହୁ, କୈଳାସ କୁମାର କର୍ଣ୍ଣ, ପ୍ରଶାନ୍ତ ଥାନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଥାନାଧିକାରୀଙ୍କୁ ଯାଦବ ସମାଜର ଦାବିପତ୍ର




ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଘେରାଉ ଚେତାବନୀ

**ମୁରିବାହାଲ, ୩୧।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯାଦବ ସମାଜ ଏକ ଜମି ବିବାଦ ଓ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଭିଯୋଗ କରିଛି। ବୁଧବାର ଏ ନେଇ ସମାଜର କର୍ମକର୍ତ୍ତାମାନେ ମୁରିବାହାଲ ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଏହି ଦୁଇ ମାମଲାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଥାନା ଘେରାଉ କରାଯିବା ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସେମାନଙ୍କ ଅଭିଯୋଗ ଅନୁସାରେ ସାଲେପଡ଼ା ଅଞ୍ଚଳର ଜଣେ ୧୬ବର୍ଷୀୟା ଯୁବତୀଙ୍କୁ ଗତ ମେ ୧୦ତାରିଖରେ ଗ୍ରାମର ଜଣେ ଯୁବକ ଅପହରଣ କରି ନେଇଥଲେ। ଥାନାରେ ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ସେହିପରି ମୁରିବାହାଲ ରେଲୱେ ଷ୍ଟେଶନ ନିକଟରେ ରହୁଥିବା ରମାରଞ୍ଜନ ମହାକୁରଙ୍କ ଘର ସମ୍ମୁଖ ସରକାରୀ ଜମିରେ ଗତ କିଛିଦିନ ହେଲା କେତେଜଣ ବଳପୂର୍ବକ ତାର ବାଡା ଦେଇଛନ୍ତି। ଏ ନେଇ ରମାରଞ୍ଜନ ଗତ ୨୬ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପଦକ୍ଷେପ ନେଇ ନାହିଁ ବୋଲି ଯାଦବ ସମାଜ ଅଭିଯୋଗ କରିଛି। ପରେ ସମାଜ ପକ୍ଷରୁ ଥାନା ଅଧିକାରୀ କମଳ ଲୋଚନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସାଧାରଣ ସମ୍ପାଦକ ତରୁଣ ପୋଢ଼, ଚକ୍ରଧର ହେର୍ଣ୍ଣା, ଶ୍ରୀପତି ଷାଣ୍ଡ, ମଧୁସୂଦନ ନାଗ, ଫଲଗୁନୀ ହାତୀ, ରବୀନ୍ଦ୍ର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମୁରିବାହାଲ ଯାଦବ ସମାଜ ଭବନଠାରେ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯାଦବ ସମାଜ ସଭାପତି ତୀର୍ଥ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯାଦବ ସମାଜ ପ୍ରକଳ୍ପ ସେଲ ରାଜ୍ୟ ସଭାପତି ଲକ୍ଷ୍ମଣ ବାଗ ଯୋଗଦେଇ ନିରପେକ୍ଷଭାବେ ମାମଲାର ବିଚାର କରିବାକୁ ସେ ଥାନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ।

# ଛାତ୍ରୀଛାତ୍ରଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀଗୃହ

## ବଢୁଛି ଅଭିଭାବକଙ୍କ ଚିନ୍ତା

**ଲାଠୋର, ୩୧।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀଗୃହ। ଏ ନେଇ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ ନୂତନ ଶ୍ରେଣୀ ଗୃହ ନିର୍ମାଣ ଦିଗରେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏପରିସ୍ଥଳେ ଗ୍ରୀଷ୍ମଛୁଟି ପରେ ସ୍କୁଲ ଖୋଲିଲେ ପିଲାମାନେ କେଉଁଠି ବସି ପାଠ ପଢିବେ ସେନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ୧୯୧୪ ମସିହାରେ ସ୍ଥାପିତ ଜିଲାର ଅନ୍ୟତମ ସର୍ବପୁରାତନ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ପିଲା ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ୫ଟି ଛାତ ଗୃହ ଓ ୨ଟି ଖପର ଗୃହ ରହିଛି। ହେଲେ ସେଥିମଧ୍ୟରୁ ୫ଟି ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତରୁ କଙ୍କ୍ରିଟ ଖଣ୍ଡ ଖସୁଛି। ବର୍ଷା ହେଲେ ୨ଟି ଶ୍ରେଣୀ ଗୃହରୁ ପାଣି ଝରୁଛି। ଅପରପକ୍ଷେ ନିର୍ଦ୍ଦିଷ୍ଟ ଘର ନ ଥିବାରୁ ପିଲାମାନେ ବାରଣ୍ଡା ତଥା ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ ଖାଉଛନ୍ତି। ବିଭିନ୍ନ ସମୟରେ ବ୍ଲକ ପ୍ରଶାସନ ତଥା ଶିକ୍ଷା ବିଭାଗ ଅଧିକାରୀମାନେ ଏଠାକୁ ପରିଦର୍ଶନରେ ଆସି ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଦେବ ସାଣ୍ଡ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ନେଇ ଜଣାଇଲେ ମଧ୍ୟ ସୁଫଳ ମିଳି ନ ଥିବା କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ବିଶାଖା ନାଏକ ମଧ୍ୟ ସମସ୍ୟା ସମ୍ପର୍କରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି। ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହାଙ୍କୁ ପଚାରିବାରୁ ଶ୍ରେଣୀଗୃହ ଅଭାବ ସମ୍ପର୍କରେ ବ୍ଲକ ପ୍ରଶାସନ ଏବଂ ଲାଠୋର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ସେମାନେ ଏ ଦିଗରେ ପଦକ୍ଷେପ ନେବା କଥା ବୋଲି କହିଥିଲେ। ସେହିପରି ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଳଙ୍କୁ ପଚାରିବାରୁ ଅର୍ଥ ମଞ୍ଜୁର ପାଇଁ ପଠାଯାଇଛି। ମଞ୍ଜୁର ହୋଇ ଆସିଲେ ବିଦ୍ୟାଳୟକୁ ଅର୍ଥ ପ୍ରଦାନ କରାଯିବ ବୋଲି କହିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା,୩୧।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ତଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଓ ବୁଢୀପଦର କ୍ଲଷ୍ଟର ତରଫରୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ଏବିଓ ଟଙ୍କଧର ଭୋଇ, ଶିକ୍ଷକ ସଂଘ ସମ୍ପାଦକ ପର୍ଶୁରାମ ସୁନା, କରୁଣାକର ପଟେଲ, ବ୍ରଜକିଶୋର ନାଗ, ହେମନ୍ତ ନାଗ ଅତିଥି ଭାବେ ଯୋଗଦେଇଥିଲେ। ୧୯୮୧ ମସିହାରୁ ନିଷ୍ଠାପର ଭାବେ ଶିକ୍ଷକତା କରି ପ୍ରଧାନ ଶିକ୍ଷୟିତ୍ରୀ ମଲ୍ଲିକ ଛାତ୍ରୀଛାତ୍ର ଏବଂ ଅଭିଭବକଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଲ୍ଲିକଙ୍କୁ ବିଦ୍ୟାଳୟ ଏବଂ କ୍ଲଷ୍ଟର ତରଫରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୌନାବତୀ ଛତ୍ରିଆ ମାନପତ୍ର ପଠନ କରିଥିଲେ ।ଭାଗବତିଆ ସାହୁ ସଭା ସଂଯୋଜନା କରିଥିଲେ।




ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଯୁବୋଦୟର ରେକର୍ଡ

**ବଲାଙ୍ଗୀର ଅଫିସ, ୩୧।୫**



ଡେରାଡୁନ ମେହେର।



ଚିନ୍ମୟ ସାହୁ।



ସିଦ୍ଧାନ୍ତ ମେହେର।



ଟିଙ୍କିଶ୍ରୀ ପଧାନ।



ସ୍ୱୟଂଭୁ ଶେଖର ପାଣିଗ୍ରାହୀ।



ଅନୁଷ୍କା ପାଣିଗ୍ରାହୀ।

## ପ୍ରଥମ ୧୦ରେ ଅନୁଷ୍ଠାନର ଏକାଧିକ ଛାତ୍ରୀଛାତ୍ର

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚଳିତବର୍ଷ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ରେକର୍ଡ କରିଛନ୍ତି। ସମଗ୍ର ରାଜ୍ୟରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଅନୁଷ୍ଠାନର ଏକାଧିକ ଛାତ୍ରୀଛାତ୍ର ସ୍ଥାନ ଅକ୍ତିଆର କରିଥିବା ଜଣାପଡିଛି। ଯୁବୋଦୟର ଛାତ୍ର ଡେରାଡୁନ ମେହେର ୫୬୪ ମାର୍କ, ଚିନ୍ମୟ ସାହୁ ୫୬୩ ମାର୍କ ଏବଂ ସିଦ୍ଧାନ୍ତ ମେହେର ୫୬୧ ମାର୍କ, ଟିଙ୍କିଶ୍ରୀ ପଧାନ ଓ ସ୍ୱୟଂଭୁ ଶେଖର ପାଣିଗ୍ରାହୀ ୫୫୫ ମାର୍କ, ଅନୁଷ୍କା ପାଣିଗ୍ରାହୀ ୫୫୩ ମାର୍କ ଏବଂ ଶିଖା ମଞ୍ଜରୀ କଠାର ୫୫୨ ମାର୍କ ରଖିଛନ୍ତି। ଚଳିତବର୍ଷ ଯୁବୋଦୟର ୪୦୪ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣ ୯୦ ପ୍ରତିଶତ ବା ତଦୁର୍ଦ୍ଧ ମାର୍କ ରଖିଛନ୍ତି। ଅନୁଷ୍ଠାନର ୩୭୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୭୫ଜଣ ୫୦୦ରୁ ଅଧିକ ମାର୍କ ରଖିଛନ୍ତି। ଯୁବୋଦୟର ଛାତ୍ରୀଛାତ୍ର ଲଗାତାର ଭାବରେ ଉଭୟ ବୋର୍ଡ ପରୀକ୍ଷାରେ ତଥା ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ନିଜର କୃତିତ୍ୱ ଅର୍ଜନ କରି ଆସୁଛନ୍ତି। ଯୁବୋଦୟର ସମନ୍ୱିତ ଶିକ୍ଷାଦାନ ପଦ୍ଧତି ଯୋଗୁଁ ଫ୍ରେସର ଭାବେ ଉଭୟ ରାଜ୍ୟ ବୋର୍ଡ ତଥା ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀମାନେ ନିଜର ଶୀର୍ଷ ସଫଳତା ହାସଲ କରି ଆସୁଛନ୍ତି। ଚଳିତ ବର୍ଷ ଅନିକେଶ ପାଣିଗ୍ରାହୀ, ସତ୍ୟମ ଦେବତା, ନୈମିଷ ପଣ୍ଡା, ସୌମ୍ୟ ମହାଲିଙ୍ଗ, ସୌମ୍ୟ ରଞ୍ଜନ ସାହୁ, ପ୍ରିୟବ୍ରତ ସାହୁ, ବୁଦ୍ଧଦେବ ବାଗ, ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍‌ରେ ନିଜର ଉତ୍କୃଷ୍ଟତା ପ୍ରତିପାଦନ ସହ ଜାତୀୟ ସ୍ତରର ଏମସ୍ ତଥା ଅନ୍ୟ ସରକାରୀ ମେଡିକାଲ କଲେଜରେ ନିଜର ସ୍ଥାନକୁ ସୁଦୃଢ କରି ପାରିଛନ୍ତି। ଅନିମେଷ ହୋତା, ସ୍ୱରୂପ ରାଉତ ଫ୍ରେସର ଭାବରେ ଆଇଆଇଟିରେ ପଢିବାର ସ୍ୱପ୍ନକୁ ସାକାର କରି ପାରିଛନ୍ତି। ଏହି ଅବସରରେ ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧ ଜୁନ୍ ୨୦୨୩


## ସଂକ୍ଷେପରେ

### ଜିଲ୍ଲାରେ ବିଜ୍ଞାନ ପାସ୍ ହାର ୫୫.୫୫%

**ବୌଦ୍ଧ, ୩୧।୫(ସ୍ୱ.ପ୍ର.):** ଉଚ୍ଚ ମାଧ୍ୟମିକ ଶିକ୍ଷା ପାରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଜିଲ୍ଲାରେ ବିଜ୍ଞାନ ପାସ୍ ହାର ୫୫.୫୫ ପ୍ରତିଶତ ରହିଥିବା ଜଣାପଡିଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୭୫ ଛାତ୍ରୀଛାତ୍ର ଯୁକ୍ତ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୧, ଦ୍ୱିତୀୟରେ ୧୨ ଓ ତୃତୀୟ ଶ୍ରେଣୀରେ ୯ ଜଣ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫ ଜଣ ପାସ୍ କରିଛନ୍ତି। କେବିହିଷ୍ଟ କଲେଜରେ ୪୪ ଛାତ୍ରଛାତ୍ରୀ ବିଜ୍ଞାନରେ ପରୀକ୍ଷା ଦେଇଥିବା ବେଳେ ୪୩ ଜଣ ପାସ୍ କରିଛନ୍ତି। ସେହିପରି କାମାଳ ମହାବିଦ୍ୟାଳୟର ୪୨ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି।

### ଆମ ପୋଲିସ ସମିତି ବୈଠକ

**ବିନିକା, ୩୧।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନାରେ ବୁଧବାର ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ପବିତ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହର ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ସଚେତନ ନାଗରିକ ଉପସ୍ଥିତ ଥିଲେ । ବୈଠକରେ ଟ୍ରାଫିକ ସମସ୍ୟା, ସନ୍ଧ୍ୟା ସମୟରେ ପାଟ୍ରୋଲିଂ କଡାକଡି, ହେଲମେଟ ଚେକିଂ, ଦ୍ରୁତଗତିରେ ଗାଡି ଚଳାଉଥିବା ଚାଳକଙ୍କ ଉପରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ, ଅଗାମୀ ରଥଯାତ୍ରା ଶାନ୍ତି ଶୃଙ୍ଖଳାରେ ପାଳନ ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ଚିହ୍ନଟ ସହ ଫର୍ମ ଆବେଦନ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ସଚେତନ ନାଗରିକ ଶୀତଳ ପ୍ରସାଦ ମହାକୁର, ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ନାଏକ, ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ସାମାଜିକ କର୍ମୀ ରାମ ଗୋପାଳ ବାଘ, ପୀତବାସ ମେହେର, ଗୋପାଳ ମହାନ୍ତି ପ୍ରମୁଖଙ୍କ ସହ ଗଣମାଧମର ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ତରଭା, ୩୧।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତ ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର କିର୍ତ୍ତିଚନ୍ଦ୍ର ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭାଗୀୟ ଅଧିକାରୀ ବୀରେନ୍ଦ୍ର କୁମାର ରଥ, ଅଶୋକ ସାହୁ, ଶିବୁ ବାଘ, ରଞ୍ଜିତା ମେହେର ପ୍ରମୁଖ ଯୋଗଦେଇଥିଲେ। ପଧାନଙ୍କ ଅବସର ସମୟ ସୁଖମୟ ହେଉ ବୋଲି ଅଧିକାରୀମାନେ କାମନା କରିଥିଲେ।

### ୧୨ ଚାଷୀଙ୍କ ୫ଶହ କୁଇଣ୍ଟାଲ ଧାନ ଉଠିଲା

**ଲୋଇସିଂହା, ୨୯।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋଡ ପ୍ରାଥମିକ କୃଷି ସମବାୟ ସମିତିରେ ରବିଧାନ କିଣା ବୁଧବାର ଶୁଭାରମ୍ଭ ହୋଇଛି। ତହସିଲଦାର ସରୋଜା ବେହେରା ଅତିଥିଭାବେ ଯୋଗଦେଇ ଧାନକିଣାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୨ ଜଣ ଚାଷୀଙ୍କ ଠାରୁ ୫ ଶହ କୁଇଣ୍ଟାଲ ଧାନ କିଣାଯାଇଛି । ବୋର୍ଡ ସଭାପତି ଶଶାଙ୍କ ଶେଖର ଭୋଙ୍କ ଅଧ୍ୟକ୍ଷତାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ସମିତି ସମ୍ପାଦକ ସିଦ୍ଧାର୍ଥଶେଖର ସାହୁଙ୍କ ସମେତ ବୋର୍ଡ ସଦସ୍ୟ ଓ ଚାଷୀମାନେ ଉପସ୍ଥିତଥିଲେ। ପାକ୍ସ ଅଧୀନ ରୋଡ, ଫଟାମୁଣ୍ଡା, ନୂଆପାଲି ଆଦି ୧୩ ଖଣ୍ଡ ଗ୍ରାମର ୭୯ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାକ୍ସରୁ ୩୬ଶହ କୁଇଣ୍ଟାଲ ଧାନ ଉଠିବ ବୋଲି ସମ୍ପାଦକ ସାହୁ କହିଛନ୍ତି।

### ପ୍ରକଳ୍ପ ଉଦ୍‌ଘାଟନ, ଜମି ପଟ୍ଟା ବଣ୍ଟନ

**ଗୁଡ଼ଭେଲା, ୩୧।୫ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ବିଭିନ୍ନ ପ୍ରକଳ୍ପକୁ ବୁଧବାର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏଫଆରଏ ଓ ବସୁନ୍ଧରା ଯୋଜନାରେ ୨୬ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ, ଆହାର କେନ୍ଦ୍ର, ବିଜୁବାବୁଙ୍କ ପ୍ରତିମୂର୍ତ୍ତି, ଓପନ ଜମି ଉନ୍ନୟନ, ଅମୃତଧାରା ଆଦି ପ୍ରକଳ୍ପ ଉଦଘାଟିତ ହୋଇଥିଲା। ବିଜୁପଟ୍ଟନାୟକ ସ୍ମାର୍ଟ ପାର୍କଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

# ରେଳଷ୍ଟେଶନ ନାମ ନରସିଂହଗଡ଼ ରଖ

## କାମ ବନ୍ଦ କରି ଧାରଣା ଦେଲେ ଗ୍ରାମବାସୀ

**ସୋନପୁର, ୩୧।୫(ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଅନ୍ତର୍ଗତ ସୋନପୁର ବ୍ଲକ ନରସିଂହଗଡରେ ନୂତନ ରେଳଷ୍ଟେଶନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ଷ୍ଟେଶନର ନାମ ଖମ୍ଭେଶ୍ୱରୀପାଲି ରଖିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି। ରେଳ ବିଭାଗ ପକ୍ଷରୁ ମଧ୍ୟ ଖମ୍ଭେଶ୍ୱରୀପାଲି ଷ୍ଟେସନ ବୋଲି ଲେଖାଯାଉଥିଲା। ଗ୍ରାମର ମହିଳାମାନେ ଏଭଳି ତ୍ରୁଟି ସମ୍ପର୍କରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସୋନପୁର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ। ମାତ୍ର କିଛି ଲାଭ ହୋଇ ନ ଥିଲା। ଫଳରେ ବୁଧବାର ନରସିଂହଗଡ ଗ୍ରାମବାସୀ ନିର୍ମାଣାଧୀନ ଷ୍ଟେଶନ କାମ ବନ୍ଦ କରି ଧାରଣାରେ ବସିଥିଲେ। ଷ୍ଟେଶନ ନାମ ନରସିଂହଗଡ ଲେଖା ନ ହେଲେ ସେମାନେ କାମ କରିବାକୁ ଦେବେନାହିଁ ବୋଲି ଚେତାବନୀ ଦେଇଥିଲେ। ଖବର ପାଇ ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ଓ ତହସିଲଦାର ନବୀନ କିଶୋର ପାଢୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଗ୍ରାମବାସୀଙ୍କ ସହିତ ଆଲୋଚନ କରିଥିଲେ। ୩୦ବର୍ଷ ପୂର୍ବରୁ ଏହି ରେଳପଥ ପାଇଁ ସର୍ଭେ ହୋଇଥିଲା। ସେତେବେଳେ ଷ୍ଟେଶନର ନାମ ଖମ୍ଭେଶ୍ୱରୀପାଲି ରଖା ଯାଇଥିଲା। ତେଣୁ ରେଳ ବିଭାଗ ହିଁ ନାମ ପରିବର୍ତ୍ତନ କରି ପାରିବ। ତେଣୁ ଗ୍ରାମବାସୀ ଲିଖିତ ଭାବରେ ନିଜର ଅଭିଯୋଗ ଜଣାଇବା ପାଇଁ ଉପଜିଲାପାଳ ଡ. ମିଶ୍ର କହିଥିଲେ। ଜିଲାପାଳ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବେ । କାମ ବନ୍ଦ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଉପଜିଲାପାଳ ପରାମର୍ଶ ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ । ପ୍ରକାଶ ଯେ, ହରଡଖୋଲ ପଞ୍ଚାୟତ ନରସିଂହଗଡ ରାଜସ୍ୱ ଗ୍ରାମ ଓ ମୌଜାରେ ଷ୍ଟେସନ ନିର୍ମାଣ ହେଉଛି। ଏହି ଆନ୍ଦୋଳନରେ ଗ୍ରାମର ଦିଲ୍ଲିପ କୁମ୍ଭାର, ଅଜିତ ସିଂ, ଗଣେଷ ମହାନନ୍ଦ, ସୁପାତ୍ର ବିଭାର ଓ ଭଜୁ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### ସୁକାନ୍ତି ଏକାଡେମୀର ସଫଳତା ହାର ଶତ ପ୍ରତିଶତ


ସିମରନ ଦେହୁରୀ।

**ସୋନପୁର, ୩୧।୫(ନି.ପ୍ର.)**

ସୋନପୁର ଧୁବାମୁଣ୍ଡା ସ୍ଥିତ ସୁକାନ୍ତି ଏକାଡେମୀ ଯୁକ୍ତ ୨ ବିଜ୍ଞାନ କଲେଜକୁ ଚଳିତ ବର୍ଷ ସଫଳତା ମିଳିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଫଳ ଅନୁଯାୟୀ ଏହି କଲେଜକୁ ୧୦୦ ପ୍ରତିଶତ ସଫଳତା ମିଳିଛି। ଏଥିରେ ଛାତ୍ରୀ ସିମରନ ଦେହୁରୀ ସର୍ବୋଚ୍ଚ ୫୨୭ ନମ୍ବର ୮୮% ରଖି ପାସ କରିଛନ୍ତି। କଲେଜର ୯୦ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ କରିଥିବା ଜଣାପଡିଛି।

## ଦକ୍ଷତା ବିକାଶ କମିଟି ବୈଠକ


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ବୌଦ୍ଧ, ୩୧।୫(ସ୍ୱ.ପ୍ର.)**

ରାଜ୍ୟ ସରକାର ସୁଦକ୍ଷା ଯୋଜନାରେ ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବୌଦ୍ଧ ଜିଲାରେ ଦୁଇଗୋଟି ବୈଷୟିକ ଶିକ୍ଷାନୁଷ୍ଠାନ ରହିଥିବାବେଳେ ସେଠାରେ ଛାତ୍ରୀମାନଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା କରାଯାଇଛି। ବୈଷୟିକ ଶିକ୍ଷା ପ୍ରତି ଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ଜିଲା ଦକ୍ଷତା ବିକାଶ କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସତ୍ୟରଞ୍ଜନ ସାହୁ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଜିଲା ଶିଳ୍ପ ତାଲିମ କେନ୍ଦ୍ର ଓ ସରକାରୀ ପଲିଟେକନିକ୍‌ରେ ନାମଲେଖା ଆରମ୍ଭ ହୋଇଥିବାବେଳେ ଛାତ୍ରୀଛାତ୍ର ଏହାର ସୁଯୋଗ ନେବାକୁ ଜିଲାପାଳ ସାହୁ ଆହ୍ୱାନ ଜଣାଇଛନ୍ତି। ଏହି ଅନୁଷ୍ଠାନରେ ନିର୍ମାଣ ଶ୍ରମିକ ପୁଅଝିଅଙ୍କ ପାଇଁ ନିର୍ମାଣ କୁସୁମ ଯୋଜନା, କାଳିଆ ଯୋଜନା, ଗ୍ରୀନ ପ୍ୟାସେଜ ଛାତ୍ରବୃତ୍ତି ସହିତ ମାଗଣା ପୋଷାକ ଯୋଗାଇ ଦିଆଯାଉଛି। ବୈଠକରେ ଜିଲା କର୍ମ ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ୱାଇପି ରାଜୀବ କୁମାର ଦାଶ ପାୱାର ପଏଣ୍ଟ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ସରକାରୀ ପଲିଟେକନିକ ଅଧ୍ୟକ୍ଷ ଜିତେନ୍ଦ୍ର ନାରାୟଣ ଦାଶ, ଜିଲା ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଅବିନାଶ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ମନ୍ଦିର ଉନ୍ନତୀକରଣରେ ଅଣଦେଖାର ପ୍ରତିବାଦ

**ବଲାଙ୍ଗୀର ଅଫିସ, ୩୧।୫**

ବଲାଙ୍ଗୀରର ମନ୍ଦିର ଉନ୍ନତିକରଣରେ ସରକାରୀ ଅଣଦେଖା ଓ ଅବହେଳା ପ୍ରଦର୍ଶନ କରାଯାଉଛି। ଏହାର ପ୍ରତିବାଦ କରିଛି ଦେବାଳୟ ସୁରକ୍ଷା କମିଟି। କମିଟି ପକ୍ଷରୁ ବୁଧବାର ବଲାଙ୍ଗୀର ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ ଦେବାଳୟ ଗୁଡିକର ଉନ୍ନତିକରଣ କରାଯାଉଥିବାବେଳେ ବଲାଙ୍ଗୀରର ଦେବାଳୟ ଗୁଡିକୁ ପାତର ଅନ୍ତର କରାଯାଉଛି ବୋଲି କମିଟି ଆବାହକ ପ୍ରଶାନ୍ତ ମହାକୁର, ସୂଚନାକର୍ମୀ ଶମ୍ଭୁ ପ୍ରସାଦ ଶତପଥି, ସିନିୟର ସିଟିଜନ ଫୋରମ୍ ସଭାପତି ପ୍ରଭାକର ମିଶ୍ର, ସମଲେଇ ମନ୍ଦିର ଆଳତି କମିଟି ସଭାପତି ବିକାଶ ସା ଅଭିଯୋଗ କରିଥିଲେ। ବଲାଙ୍ଗୀର ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୋପାଳଜୀ ମନ୍ଦିରର ଉନ୍ନତି ପାଇଁ ୪ଟି ପ୍ରସ୍ତାବ ରଖାଯାଇଥିଲା। ଏହାର ଏଷ୍ଟିମେଟ ୧୭ ଲକ୍ଷ ୮୦ ହଜାର ୨୭୪ ଟଙ୍କା ହୋଇଥିଲା। ପାଟଣେଶ୍ୱରୀ ମନ୍ଦିରର ମରାମତି କାର୍ଯ୍ୟ ପାଇଁ ୩ଟି ପ୍ରସ୍ତାବ ଦିଆଯାଇଥିଲା। ଉପଜିଲାପାଳ ଦେବୋତ୍ତର କମିଶନରଙ୍କୁ ଏଷ୍ଟିମେଟ ମଞ୍ଜୁରୀ ପାଇଁ ପଠାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ପ୍ରସ୍ତାବ ମଞ୍ଜୁରୀ ହୋଇନାହିଁ। ସେହିପରି ସମଲେଶ୍ୱରୀଙ୍କ ମନ୍ଦିରରେ ୧୦ ଲକ୍ଷ ଟଙ୍କାର ଅନୁମୋଦନ ହେଲା ବୋଲି କୁହାଯାଇଥିଲା। କିନ୍ତୁ ସେହି ଟଙ୍କାରେ ସେଭଳି କିଛି ଆଖି ଦେଖାଗଲା ଭଳି କାର୍ଯ୍ୟ କରାଗଲାନାହିଁ। ତେବେ ବଲାଙ୍ଗୀର ଦେବୋତ୍ତର ବିଭାଗ ତରଫରୁ ଯେଉଁ ପ୍ରସ୍ତାବ ଗୁଡ଼ିକ ମଞ୍ଜୁରୀ ପାଇଁ ପଠାଯାଉଛି ତାକୁ କାହିଁକି ଗୁରୁତ୍ୱ ପ୍ରଦାନ କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ବଲାଙ୍ଗୀର ଦେବୋତ୍ତର ବିଭାଗ ଦେବୋତ୍ତର ସମ୍ପତିରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ପାଉଛି। ସେହି ଟଙ୍କା କୁଆଡେ ଯାଉଛି ଓ ସେସବୁ କେଉଁଠି ଖର୍ଚ୍ଚ କରାଯାଉଛି ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି।

### ଥାନାଧିକାରୀଙ୍କୁ ଦାବିପତ୍ର

**ମୁରିବାହାଲ, ୩୧।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଯାଦବ ସମାଜ ଏକ ଜମି ବିବାଦ ଓ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଭିଯୋଗ କରିଛି। ବୁଧବାର ଏ ନେଇ ସମାଜର କର୍ମକର୍ତ୍ତାମାନେ ମୁରିବାହାଲ ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ଏହି ଦୁଇ ମାମଲାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଥାନା ଘେରାଉ କରାଯିବା ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସେମାନଙ୍କ ଅଭିଯୋଗ ଅନୁସାରେ ସାଲେପଡ଼ା ଅଞ୍ଚଳର ଜଣେ ୧୬ବର୍ଷୀୟା ଯୁବତୀଙ୍କୁ ଗତ ମେ ୧୦ତାରିଖରେ ଗ୍ରାମର ଜଣେ ଯୁବକ ଅପହରଣ କରି ନେଇଥଲେ। ଥାନାରେ ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ସେହିପରି ମୁରିବାହାଲ ରେଲୱେ ଷ୍ଟେଶନ ନିକଟରେ ରହୁଥିବା ରମାରଞ୍ଜନ ମହାକୁରଙ୍କ ଘର ସମ୍ମୁଖ ସରକାରୀ ଜମିରେ ଗତ କିଛିଦିନ ହେଲା କେତେଜଣ ବଳପୂର୍ବକ ତାର ବାଡା ଦେଇଛନ୍ତି। ଏ ନେଇ ରମାରଞ୍ଜନ ଗତ ୨୬ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପଦକ୍ଷେପ ନେଇ ନାହିଁ ବୋଲି ଯାଦବ ସମାଜ ଅଭିଯୋଗ କରିଛି। ପରେ ସମାଜ ପକ୍ଷରୁ ଥାନା ଅଧିକାରୀ କମଳ ଲୋଚନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସାଧାରଣ ସମ୍ପାଦକ ତରୁଣ ପୋଢ଼, ଚକ୍ରଧର ହେର୍ଣ୍ଣା, ଶ୍ରୀପତି ଷାଣ୍ଡ, ମଧୁସୂଦନ ନାଗ, ଫଲଗୁନୀ ହାତୀ, ରବୀନ୍ଦ୍ର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମୁରିବାହାଲ ଯାଦବ ସମାଜ ଭବନଠାରେ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯାଦବ ସମାଜ ସଭାପତି ତୀର୍ଥ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯାଦବ ସମାଜ ପ୍ରକଳ୍ପ ସେଲ ରାଜ୍ୟ ସଭାପତି ଲକ୍ଷ୍ମଣ ବାଗ ଯୋଗଦେଇଥିଲେ।

## କଣ୍ଟିସରରେ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ


ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

**ତଳଗାଁ, ୩୧।୫ (ଡି.ଏନ.ଏ.)**

ହରଭଙ୍ଗା ବ୍ଲକ୍ ତଳଗାଁ ପଞ୍ଚାୟତର କଣ୍ଟିସର ଗ୍ରାମରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ତଳଗାଁ ପଞ୍ଚାୟତରେ ପ୍ରତିବର୍ଷ ମ୍ୟାଲେରିଆରେ ବହୁ ଗରିବ ଲୋକଙ୍କ ଜୀବନ ହାନି ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ କରାଯାଇଥିଲା। ବିଭାଗର ଅଧିକାରୀ ମଶାରୀ ଟାଙ୍ଗି ଶୋଇବା, ଉଷୁମ ପାଣି ପିଇବା, ଘର ଚାରିପାଖ ସଫା ରଖିବା ଓ ବର୍ଷା ଦିନେ ଖାଲ ସ୍ଥାନରେ ମଇଳା ନ ପକାଇବାକୁ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡା. ମଦନମୋହନ ପ୍ରଧାନ, ଡା. ଶ୍ରୀମନ୍ତ ସ୍ୱାଇଁ, ଫାର୍ମାସିଷ୍ଟ କାମାକ୍ଷାପ୍ରସାଦ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ସତ୍ୟଭାମା ସେଠୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଈଶ୍ୱର ଚନ୍ଦ୍ର ବେହେରା, ଅଙ୍ଗନୱାଡି ଓ ଅଶା କର୍ମୀ ମାନେ ସାମିଲ ଥିଲେ। ଶେଷରେ ଗ୍ରାମବାସୀ ମ୍ୟାଲେରିଆ ମୁକ୍ତ କରିବାକୁ ଶପଥ ନେଇଥିଲେ ।

## ବର୍ଷେ ହେଲା ଜଳ ପ୍ରକଳ୍ପ ଅଚଳ

- ଅଭିଯୋଗ ପରେ ବି ହେଉନି ମରାମତି
- କାର୍ଯ୍ୟକ୍ଷମ କରିବାକୁ ଦାବି

**ଅମରପାଲି, ୩୧।୫(ଡି.ଏନ.ଏ.)**


ଅଚଳ ସୋଲାର ପ୍ରକଳ୍ପ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ପଞ୍ଚାୟତର ବାବୁପାଲିରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଗ୍ରାମରେ ଥିବା ଏକମାତ୍ର ସୋଲାର ଜଳ ପ୍ରକଳ୍ପ ଗତ ଏକ ବର୍ଷ ହେଲା ଅଚଳ ହୋଇ ପଡିଛି। ପ୍ରକଳ୍ପ ମରାମତି ପାଇଁ ଗ୍ରାମବାସୀ ଅଭିଯୋଗ କରୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ବାବୁପାଲି ଗ୍ରାମରେ ପ୍ରାୟ ୩୫ଟି ପରିବାର ବାସ କରନ୍ତି। ପାନୀୟ ଜଳ ପାଇଁ ସେମାନେ ନଳକୂପ ଓ ସୋଲାର ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରନ୍ତି। ମାତ୍ର ଗ୍ରାମରେ ଥିବା ନଳକୂପରୁ ଆବଶ୍ୟକତାଠାରୁ କମ୍ ପାଣି ବାହାରୁ ଥିବା ବେଳେ ଆଉ କେତେକର ପାଣି ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଲୋକେ ଏବେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂପ୍ରତି ସୁବର୍ଣ୍ଣପୁର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳାଶୟ ସବୁ ଶୁଖିଲା ପଡିଛି। ଗ୍ରାମବାସୀ ସ୍ନାନ ଶୌଚଠାରୁ ଆରମ୍ଭ କରି ଘରୋଇ ବ୍ୟବହାର ପାଇଁ ହନ୍ତସନ୍ତ ହେଉଛନ୍ତି। ଗୃହପାଳିତ ପଶୁଙ୍କ ଅବସ୍ଥା ସଙ୍ଗୀନ ହୋଇ ପଡୁଛି। ଦୀର୍ଘ ଏକ ବର୍ଷ ହେଲା ଉକ୍ତ ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇ ପଡିଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ପ୍ରକଳ୍ପର ବୋରିଂରେ ମୋଟର ପଡିଯାଇଛି। ଏନେଇ ଲୁଡୁରପଙ୍କ ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପର ମୋଟର ବୋରିଙ୍ଗରେ ପଡି ଯାଇଛି। ମରାମତି ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି। ପ୍ରକଳ୍ପ ଅଚଳ ହୋଇ ପଡି ଥିବାରୁ ନୂତନ ବୋରିଂ କରାଯାଇ ନଳକୂପଭାବେ ବ୍ୟବହାର କରାଯାଉଛି। ତେବେ ବିଭାଗ ତୁରନ୍ତ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା, ୩୧।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ତଳିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଓ ବୁଢୀପଦର କ୍ଲଷ୍ଟର ତରଫରୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ଏବିଓ ଟଙ୍କଧର ଭୋଇ, ଶିକ୍ଷକ ସଂଘ ସମ୍ପାଦକ ପର୍ଶୁରାମ ସୁନା, କରୁଣାକର ପଟେଲ, ବ୍ରଜକିଶୋର ନାଗ, ହେମନ୍ତ ନାଗ ଅତିଥି ଭାବେ ଯୋଗଦେଇଥିଲେ। ୧୯୮୧ ମସିହାରୁ ନିଷ୍ଠାପର ଭାବେ ଶିକ୍ଷକତା କରି ପ୍ରଧାନ ଶିକ୍ଷୟିତ୍ରୀ ମଲ୍ଲିକ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଲ୍ଲିକଙ୍କୁ ବିଦ୍ୟାଳୟ ଏବଂ କ୍ଲଷ୍ଟର ତରଫରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୌନାବତୀ ଛତ୍ରିଆ ମାନପତ୍ର ପଠନ କରିଥିଲେ ।ଭାଗବତିଆ ସାହୁ ସଭା ସଂଯୋଜନା କରିଥିଲେ।



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବେଆଇନ ଲିଙ୍ଗ ନିରୂପଣ ରୋକିବା ଉପରେ ଗୁରୁତ୍ୱ

## ସୂଚନା ଦେଲେ ୨୫ ହଜାର ପ୍ରୋତ୍ସାହନ

**ବୌଦ୍ଧ, ୩୧।୫(ସ୍ୱ.ପ୍ର.)**



ଲିଙ୍ଗ ନିରୂପଣ ବୈଠକରେ ଜିଲାପାଳ ଓ ଅନ୍ୟମ ଅଧିକାରୀ।

ଜିଲା ଉପଦେଷ୍ଟା କମିଟି ବୈଠକ ବୁଧବାର ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲାରେ ୪ ଗୋଟି ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ରହିଥିବାବେଳେ ଜିଲା ମୁଖ୍ୟଚିକିତ୍ସାଳୟରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯାଉଛି। ପୁରୁଷ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ଏପ୍ରିଲ ୨୨ରୁ ମାର୍ଚ୍ଚ ୨୩ ମଧ୍ୟରେ କଣ୍ଟାମାଳ ବ୍ଲକରେ ନବଜନ୍ମିତ ଝିଅଙ୍କ ସଂଖ୍ୟା ପୁଅ ତୁଳନାରେ କମ ରହିଥିବାବେଳେ ଏହାର କାରଣ ସଂପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଦେବାନନ୍ଦ ସୁବୁଦ୍ଧିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି କଣ୍ଟାମାଳ ବ୍ଲକରେ ଗର୍ଭପାତ ସଂଖ୍ୟା ଅନ୍ୟ ବ୍ଲକ ତୁଳନାରେ ଅଧିକ ରହିଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଘରୋଇ କ୍ଲିନିକରେ ଅଲଟ୍ରାସାଉଣ୍ଡ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ବେଆଇନ ଲିଙ୍ଗ ନିରୂପଣ ନେଇ ସୂଚନା ଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ସହିତ ତାଙ୍କର ନାମ ଗୋପନ ରଖାଯିବ ବୋଲି ଜିଲାପାଳ ସାହୁ ସୂଚନା ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଡିପିଏଚ୍‌ଓ ଡା. ମଦନ ମୋହନ ପ୍ରଧାନ, ଏଡିପିଏଚ୍‌ଓ ଡା. ବିକେଆରସି ଦେଓ ହେମ୍ବ୍ରମ, ମୁଖ୍ୟ ଚିକିତ୍ସାଳୟଳୟର ସୁପରିଣ୍ଟେଣ୍ଡେଣ୍ଟ ଡା. ସଂଘମିତ୍ରା ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ପଦବୀ ଦେଉଛ, ସୁଯୋଗ ଦେଉନାହଁ: ମହିଳା ବ୍ଲକ ବିଜେଡି ସଭାପତି

## ମନ୍ତ୍ରୀ ରୋହିତଙ୍କ କର୍ମୀ ସମ୍ମିଳନୀ, ଅଭିଯୋଗ ଶୁଣାଣି

ସମ୍ବଲପୁର,୩୧।୫(ବ୍ୟୁରୋ)

ମହିଳା ସଂଗଠନ କାମ ଦେଖିବା, ଦଳକୁ ଅଧିକ ସୁଦୃଢ କରିବାକୁ ମହିଳା ବ୍ଲକ ବିଜେଡି ସଭାପତି ଭାବେ ପଦ ଦେଲ। ମୋର ଦକ୍ଷତା ଅନୁସାରେ ମହିଳାମାନଙ୍କୁ ଏକାଠି କରି ଦଳ ପାଇଁ ଭୋଟ କରାଇଥିଲି। ସାଧାରଣ ନିର୍ବାଚନ ଓ ଜିଲା ପରିଷଦ ନିର୍ବାଚନରେ ଦଳୀୟ ନେତା ଓ କର୍ମୀଙ୍କ ସହ ମିଶି ପ୍ରଚାର କଲି। ମହିଳାମାନଙ୍କୁ ବ୍ୟକ୍ତିଗତ ଭାବେ କିଛି ପ୍ରତିଶ୍ରୁତି ଦିଆଯାଇଥିଲା। ତାଙ୍କ ସମସ୍ୟା ସମୟରେ ଛିଡା ହୋଇ ଆସ୍ଥାଭାଜନ ହୋଇପାରିଲା ଦଳ। ହେଲେ ଦେଇଥିବା ଅନେକ ପ୍ରତିଶ୍ରୁତି ପାଳନ ହୋଇପାରି ନାହିଁ। ତେଣୁ ସେମାନଙ୍କ ପାଖକୁ ଯାଇ ଛିଡା ହେବା ପାଇଁ ଭୟ ଲାଗୁଛି। ଯଦି ପଦବୀ ଦେଉଛ ତା'ହେଲେ କାମ କରିବାକୁ ସୁଯୋଗ ଦିଅ। ଫଳରେ ଦଳ ମହିଳାମାନଙ୍କୁ ନେଇ ଆହୁରି ସଂଗଠିତ ହେବ ବୋଲି ବୁଧବାର ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ କର୍ମୀ ସମ୍ମିଳନୀରେ ଝୁଝୁମୁରା ବ୍ଲକ ମହିଳା ବିଜେଡି ସଭାପତି ଲଳିତା ପ୍ରଧାନ ପ୍ରଶ୍ନ କରିଥିଲେ। ଅନ୍ୟ ମହିଳାମାନେ ମଧ୍ୟ ଏଥିରେ ସହମତି ଜଣାଇଥିଲେ।

ମନ୍ତ୍ରୀ ପୂଜାରୀ ଏହା ଶୁଣିବା ପରେ ସବୁ ଠିକ୍ ହୋଇଯିବ। ଦଳ ପାଇଁ କାମ କର। କର୍ମୀଙ୍କ ଭିତରେ ମନାନ୍ତର ନ ହେବାକୁ କହିଥିଲେ। ଅନ୍ୟପଟେ ଏହି ଗସ୍ତ ସମୟରେ ମନ୍ତ୍ରୀ ପୂଜାରୀ ଝୁଝୁମୁରା ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣିଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ମମତା ନାଏକଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ପାନୀୟ ଜଳ, ଜମି ପଟ୍ଟା, ରାସ୍ତାଘାଟ, ପାଚେରି ଭଳି ଅନେକ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ମନ୍ତ୍ରୀ ପୂଜାରୀ ବିଡିଓ ମହାନନ୍ଦଙ୍କୁ ଅଭିଯୋଗର ସମାଧାନ କରିବାକୁ କହିଥିଲେ। ପରେ ସେ ଝୁଝୁମୁରା ବ୍ଲକ ପରିସରରେ ନୂତନ କୋଠା, ବ୍ଲକ ସମ୍ମୁଖରେ ମାର୍କେଟ କମ୍ପ୍ଲେକ୍ସ, ଝୁଝୁମୁରା ହରିଜନପଡା ଗୋଷ୍ଠୀ ବିନୋଦନ କେନ୍ଦ୍ର ଭଳି ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଥିଲେ। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା କହିଛନ୍ତି, ମନ୍ତ୍ରୀଙ୍କ ଗସ୍ତ ସମୟରେ ଅନେକ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ମନ୍ତ୍ରୀ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ କହିଥିଲେ। ମହିଳା ନେତ୍ରୀ ରାଗ ନୁହେଁ, ଅଭିମାନ କରି କେତେକ ସମସ୍ୟା କହିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ହେବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଅନ୍ୟପଟେ ବିଜେଡି ମହିଳା ସଭାପତି ପ୍ରଧାନ କହିଥିଲେ, ଅଭିଯୋଗ କରିବା ଘଟଣା ସତ। ତୃଣମୂଳ ସ୍ତରରେ ଯାହା ସମସ୍ୟା ହେଉଛି ତାହା ଦଳୀୟ ନେତାଙ୍କୁ ଜଣାଇଥିଲି। ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପୂଜାରୀ ମଧ୍ୟ କହିଛନ୍ତି। ସୂଚନାଥାଉ କି, କିଛିଦିନ ପୂର୍ବରୁ ମନ୍ତ୍ରୀ ପୂଜାରୀ ରେଢାଖୋଲ ଗସ୍ତ ସମୟରେ ପ୍ରାପ୍ତ ବୟସ୍କ ନେତା ହେଲେ ବିଧାନସଭା ଅଞ୍ଚଳ ବୁଲି ଲୋକମାନଙ୍କୁ ସେବା ଯୋଗାଇ ପାରିବେ ନାହିଁ। ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ପରିସୀମା ବହୁତ ରହିଛି। ବୟସ ଅଧିକ ହୋଇଗଲେ କାମ କରିବା କଷ୍ଟକର ହୋଇ ପଡିବ ବୋଲି କହିଥିଲେ। ହେଲେ ଏହା ପରୋକ୍ଷରେ ରେଢାଖୋଲ ପାଇଁ ଆଶାୟୀ ଜଣେ ପୂର୍ବତନ ମନ୍ତ୍ରୀ ଓ ଜଣେ ପ୍ରଶାସକଙ୍କୁ ଇଙ୍ଗିତ କରି କହିଥିବା ଆଲୋଚନା ହେଉଥିଲା। ଅନ୍ୟପଟେ ମନ୍ତ୍ରୀ ପୂଜାରୀ ଏହା ତାଙ୍କ ନିର୍ବାଚନ ମଣ୍ଡଳୀକୁ ଓ ନିଜକୁ ଉଦାହରଣ ଦେଇ କହିଥିବା ନେଇ ପ୍ରତିକ୍ରିୟା ଦେଇଛନ୍ତି।


ଝୁଝୁମୁରା ବ୍ଲକରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ରୋହିତ ପୂଜାରୀ ଓ ଦଳୀୟ ନେତୃବୃନ୍ଦ।

## ସଂକ୍ଷେପରେ

### ଯୁକ୍ତ ୨ ବିଜ୍ଞାନ: ୮୦ଜଣ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ

**କୁଚିଣ୍ଡା,୩୧।୫(ଡି.ଏନ.ଏ.):** ଚଳିତବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କୁଚିଣ୍ଡା ବ୍ଲକର ବିଭିନ୍ନ କଲେଜର ବିଜ୍ଞାନ ବିଭାଗରେ ୮୦ ଜଣ ପ୍ରଥମ, ୧୨୪ ଜଣ ଦ୍ୱିତୀୟ ଓ ୮୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୁଚିଣ୍ଡା କଲେଜରେ ପ୍ରଥମ ଶ୍ରେଣୀରେ ୨୯, ଦ୍ୱିତୀୟ ଶ୍ରେଣୀରେ ୫୨ ଓ ତୃତୀୟରେ ୩୦ଜଣ ପାସ୍ କରିଛନ୍ତି। କୁନ୍ତରା କଲେଜରେ ପ୍ରଥମ ଶ୍ରେଣୀରେ ୧୬, ଦ୍ୱିତୀୟରେ ୧୮ ଓ ତୃତୀୟରେ ୨୦ଜଣ ଏବଂ ଅର୍ଡାବାହାଲ (ଏସ୍ଏସ୍‌ଡି) କଲେଜରେ ପ୍ରଥମରେ ୩୫, ଦ୍ୱିତୀୟରେ ୫୪ ଓ ତୃତୀୟରେ ୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। କୁଚିଣ୍ଡା କଲେଜରେ ୭୯%ନମ୍ବର ରଖି ହିମାଂଶୁ ଶେଖର ପଟେଲ ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି କୁନ୍ତରା କଲେଜ ଛାତ୍ରୀ ରୁପାଲି ପଟେଲ ୭୮%ନମ୍ବର ରଖି ଦ୍ୱିତୀୟ ଟପ୍ପର ହୋଇଛନ୍ତି।

### ମାତା ମଠରେ ଭାଗବତ ସପ୍ତାହ

**ସମ୍ବଲପୁର,୩୧।୫(ବ୍ୟୁରୋ):** ସ୍ଥାନୀୟ ମହାନ୍ତିପଡାସ୍ଥିତ ମାତା ମଠରେ ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହା ଜୁନ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସୁବର୍ଣ୍ଣପୁର ଜିଲା କୋଟସମଲେଇ ପାତାଳି ଶ୍ରୀକ୍ଷେତ୍ରର ଶ୍ରୀରାମ ପଣ୍ଡା ବ୍ୟାସ ରୂପେ ଯୋଗ ଦେଇଥିଲେ। ସଙ୍ଗୀତମୟ ଶ୍ରୀମଦ୍ ଭାଗବତ ପରିବେଷଣ ହେଉଥିବାବେଳେ ବାଦ୍ୟଯନ୍ତ୍ରରେ ପ୍ରତିଶ ପାଣ୍ଡିଆ, ବିନାୟକ ମିଶ୍ର ଓ ରୋହିତାଶ୍ୱ ଭୋଇ ସହଯୋଗ କରୁଛନ୍ତି। ରାଜସ୍ଥାନର ରାଧାକୁଣ୍ଡ ଶ୍ୟାମକୁଣ୍ଡର ବାବା ଦୀନବନ୍ଧୁ ଦାସ ପୂଜାର୍ଚ୍ଚନା କରୁଥିବା ବେଳେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସ୍ମୀ କୁରେସା ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

### ଧାନ ସଂଗ୍ରହକୁ ନେଇ ଚାଷୀ ଅସନ୍ତୋଷ



**ସମ୍ବଲପୁର,୩୧।୫(ବୁରୋ):** ସମ୍ବଲପୁର କୁକୁଡାପାଲି ଧାନ ସଂଗ୍ରହ କେନ୍ଦ୍ରରେ ବୁଧବାର ଅଚଳାବସ୍ଥା ଦେଖାଦେଇଥିଲା। ୩ଦିନ ଧରି ଧାନଗାଡି ଅନ୍‌ଲୋଡ ନ କରିବା, ଚାଷୀ ଦେଇଥିବା ବସ୍ତା ନ ଫେରାଇବା, ଶୁଖିଲା ଓ ଉତ୍ତମ ମାନର ଧାନକୁ ବାଧତାମୂଳକ କଟ୍‌ନୀଛଟ୍‌ନୀ କରିବା ଭଳି ସମସ୍ୟା ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରି ଧାନମଣ୍ଡି ଅଚଳ କରିଥିଲେ। ମିଲର୍ସ ଚାଷୀଙ୍କୁ କରୁଥିବା ଅତ୍ୟାଚାର ବନ୍ଦ ନ କଲେ ଧାନ ବିକ୍ରି କରିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଡିଆର୍‌ସିଏସ୍ ଲିଙ୍ଗରାଜ ନାୟକ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ମାତ୍ର ୨ ଗୋଟି ମିଲର୍ସ ଉପସ୍ଥିତ ରହିଥିଲେ। ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଧାନ ସଂଗ୍ରହ ହୋଇଥିଲା। ପରେ ଯୋଗାଣ ଅଧିକାରୀ ଟୁଡୁ ମିଲଗୁଡିକୁ ଯାଞ୍ଚ କରିବା ପାଇଁ ଯାଇଥିଲେ।

# ସୁବାସ ନାୟକ ତୃତୀୟଥର ପାଇଁ ପାଇବେ ପ୍ରକୃତିବନ୍ଧୁ ପୁରସ୍କାର

ଜମନକିରା,୩୧।୫(ଡି.ଏନ.ଏ.)

ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ବ୍ଲକର ପ୍ରତିଭା ଓ ଅନୁଷ୍ଠାନକୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ ପାଇଁ ନାମ ତାଲିକା ପ୍ରକାଶ ପାଇଛି। ଏହି କ୍ରମରେ ଚଳିତ ବର୍ଷ ସମ୍ବଲପୁର ଜିଲାର ଦୁଇ ଗୋଟି ଅନୁଷ୍ଠାନ ଓ ୫ଜଣ ସ୍ୱେଚ୍ଛାସେବୀଙ୍କୁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ନାମ ଘୋଷିତ ହୋଇଛି। ଜମନକିରା ବ୍ଲକ ପାଇଁ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କ ନାମ ଘୋଷଣା କରାଯାଇଛି। ପ୍ରକୃତି ସୁରକ୍ଷା ପାଇଁ ଏହି ପୁରସ୍କାର ଘୋଷଣା ହୋଇଥିବାରୁ ସହଯୋଗ କରିଥିବା ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଜଙ୍ଗଲ ବିଭାଗ ଓ ସହଯୋଗୀମାନଙ୍କୁ ସୁବାସ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ସୁବାସ ପୂର୍ବରୁ ବାମରା ଓ କୁଚିଣ୍ଡା ବ୍ଲକ ପକ୍ଷରୁ ମଧ୍ୟ ଦୁଇଥର ପ୍ରକୃତିବନ୍ଧୁ ପୁରସ୍କାର ପାଇଛନ୍ତି। ଚଳିତବର୍ଷ ଏହି ସମ୍ମାନ ପାଇବାକୁ ବାମରାରୁ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତୁଳସୀ ମଞ୍ଜରୀ ବହିଦାର ଓ ଝୁଝୁମୁରା ବ୍ଲକରୁ କବି ପ୍ରଦ୍ୟୁମ୍ନ ବିଶି ନାମ ଘୋଷିତ ହୋଇଛି।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ନିଉଟନ କଲେଜର ସଫଳତା


ନୀତିନ ପଣ୍ଡା | ସତ୍ୟ ସ୍ୱରୁପ ମିଶ୍ର | ସୌରଭ ମାଝି | ଆକାଶ ଭୋଇ | ପ୍ରଣବ ପ୍ରତିମ ସାହୁ

ସମ୍ବଲପୁର,୩୧।୫(ବ୍ୟୁରୋ)

ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ସମ୍ବଲପୁର ଦେବେଇପାଲିସ୍ଥିତ ନିଉଟନ କଲେଜ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। କଲେଜର ଶତପ୍ରତିଶତ ପାସ୍ ହାର ରହିଛି। ୨୯୯ ଜଣ ପ୍ରଥମ ଶ୍ରେଣୀ, ୩୩ ଜଣ ଦ୍ୱିତୀୟ ଶ୍ରେଣୀ ହାସଲ କରିଛନ୍ତି। କଲେଜର ନିତିନ ପଣ୍ଡା ଓ ସତ୍ୟ ସ୍ୱରୁପ ମିଶ୍ର ୫୪୯ ମାର୍କ ରଖି କଲେଜର ଶ୍ରେଷ୍ଠ ହେବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ସୌରଭ ମାଝି ୬ଶହ ମାର୍କରୁ ୫୪୬, ଆକାଶ ଭୋଇ ୫୪୪ ଓ ପ୍ରଣବ ପ୍ରତିମ ସାହୁ ୫୪୦ ମାର୍କ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ କଲେଜ ଅଧ୍ୟକ୍ଷ ଡ. ତେଜରାଜ ପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ସମୟର ସଦୁପଯୋଗ କଲେ ସଫଳତା ମିଳେ

ସମ୍ବଲପୁର,୩୧।୫(ବ୍ୟୁରୋ)

ଚିପିଲିମାସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି, ରାଜ୍ୟ ରାଜସ୍ୱ ଶୁଳ୍କ ଆୟୁକ୍ତ ମାଧବ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଓ ଅଧ୍ୟକ୍ଷ (ଗବେଷଣା) ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କଲେଜ ଦ୍ୱୟର ଅଧ୍ୟକ୍ଷ ପ୍ରଫେସର ଗୋକୁଳ ବିହାରୀ ଦାଶ ଅଧ୍ୟକ୍ଷତା କରିଥିଲେ। ଛାତ୍ର ସଂଗଠନର ପରାମର୍ଶଦାତା ଡ. ଭାସ୍କର ଚନ୍ଦ୍ର ଦାସ, ଡ. ବିଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରସଂସଦ ସଭାପତି ରାକେଶ ରଞ୍ଜନ ସାହୁ ଓ ଆୟୋଜକ ସଭାପତି ଶ୍ୱେତାଲିନା ସାହୁ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଛାତ୍ରୀଛାତ୍ର ସମୟର ଉଚିତ ଉପଯୋଗ କରିବା ସହ ପାଠପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପୃଥିବୀକୁ ନିଜ ପରିବାର ବୋଲି ଭାବି ପ୍ରକୃତି ତଥା ଅନ୍ନଦାତାଙ୍କ ପାଇଁ କାମ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ଏହାସହ ବର୍ତ୍ତମାନ ଯୁଗରେ କୃଷି ଯନ୍ତ୍ରପାତିର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜର ବାର୍ଷିକ ପତ୍ରିକା ସୃଜନୀ ଏବଂ ବ୍ୟବସାୟିକ ଉଦ୍ୟାନକୃଷି ଓ ଜିଆଖତ ବିଷୟବସ୍ତୁ ଉପରେ ସୂଚନା ପତ୍ରିକା ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କୁଳପତି ୫୦୦ ସିଟ୍ ବିଶିଷ୍ଟ ପ୍ରେକ୍ଷାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୩୧।୫(ବ୍ୟୁରୋ)

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବୋମଲୋଇ ଗ୍ରାମରେ ପାଳିତ ହୋଇଯାଇଛି। ବୋମାଲୋଇ ପଞ୍ଚାୟତ ସ୍ୱାସ୍ଥ୍ୟ ଅଧିକାରୀ ସୋନାଲ ବେହୁରିଆ, ଆଦିତ୍ୟ ଆଲୁମିନିୟମ ଡା. ସ୍ନିଗ୍ଧା ସ୍ୱପ୍ନିକ ଓ ଡା. ଲତା ତିର୍କି, ସିଏସ୍‌ଆର୍ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ବୋମାଲୋଇର ସମାଜିକ କର୍ମୀ ଶେଷଦେବ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାସିକ ଋତୁସ୍ରାବ ପ୍ରାକୃତିକ। ଏହି ସମୟରେ ସ୍ୱଚ୍ଛତାର ପ୍ରକୃତ ପ୍ରଣାଳୀ ଅବଲମ୍ବନ ଏବଂ ଏହାସହ ଜଡିତ ଅନ୍ଧବିଶ୍ୱାସ ଓ କଳଙ୍କକୁ କିପରି ସଂଶୋଧନ କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଦିତ୍ୟ ଆଲୁମିନିୟମ ନିଜ ଅଞ୍ଚଳରେ ଏହି ସମସ୍ୟାକୁ କିପରି ଠିକ୍ କରିପାରିବ ସେଥିପାଇଁ ଗତବର୍ଷ ପ୍ରକଳ୍ପ ସମାଧାନ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ଅଧୀନରେ ୧୧ଟି ସ୍ଥାନରେ ଏହାକୁ କିପରି ବ୍ୟବହାର କରିବା କିଶୋରୀ ବାଳିକାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲୀରୁ ଅଞ୍ଜୁ କ୍ରିଏସ ଦଳ ଦ୍ୱାରା ସଚେତନତା ନାଟକ ପରିବେଷଣ କରାଯାଇଥିଲା। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସମସ୍ତ କିଶୋରୀ ବାଳିକା ଓ ମହିଳାମାନଙ୍କୁ କମ୍ପାନୀ ପକ୍ଷରୁ ସାନିଟାରୀ ପ୍ୟାଡ ଦିଆଯାଇଥିଲା। ମନୋରଞ୍ଜନ ବେହେରା ଏହାକୁ ପରିଚାଳନା କରିଥିଲେ।

# କୁଚିଣ୍ଡାରେ ଜଳ ସମସ୍ୟା ଉତ୍କଟ

## ପ୍ରଶାସନ ସହ ଆଲୋଚନା କଲେ ବିଧାୟକ

କୁଚିଣ୍ଡା,୩୧।୫(ଡି.ଏନ.ଏ.)

ଗ୍ରୀଷ୍ମପ୍ରବାହ ବଢିଚାଲିଥିବା ବେଳେ କୁଚିଣ୍ଡା ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସହରର ଉଭୟ ପାର୍ଶ୍ୱରେ ଖର୍ଲା ଓ ଭେଡେନ ନଦୀ ରହିଥିଲେ ମଧ୍ୟ ଜଳସ୍ତର ହ୍ରାସ ଯୋଗୁ ପ୍ରଥମଥର ପାଇଁ ଏଭଳି ସମସ୍ୟା ସହରବାସୀଙ୍କୁ କଲବଲ କରିଛି।

କୁଚିଣ୍ଡା ଏନ୍ଏସିର ବିଭିନ୍ନ ୱାର୍ଡକୁ ଭ୍ରାମ୍ୟମାଣ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଥିଲେ ବି ଏହା ଲୋକଙ୍କ ସମସ୍ୟା ସମାଧାନ କରିପାରୁ ନ ଥିବା ଅଭିଯୋଗ ହେଉଛି। ଖର୍ଲା ନଦୀରେ ଜଳସ୍ତର ହ୍ରାସ ପାଉଥିବାରୁ ସହରକୁ ଠିକ୍ ଭାବେ ଜଳ ଯୋଗାଣ ହୋଇପାରୁ ନାହିଁ। ଖର୍ଲା ନଦୀରେ ସ୍ଥାପିତ ଇନ୍‌ଟେକ ୱେଲରୁ ପାଣି ଉଠାଣ ପରେ ପାଖରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ବିଶୋଧନାଗାରକୁ ଆସି ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହୋଇଥାଏ। ମାତ୍ର ନଦୀରେ ଜଳସ୍ତର ହ୍ରାସ ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ଅଧିକାଂଶ ନଳକୂପରେ ଠିକ ଭାବେ ପାଣି ବାହାରୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ସହରବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଗତ ସୋମବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଏ ନେଇ ପ୍ରଶାସନ ସହ ଆଲୋଚନା କରିଛନ୍ତି। ପରେ ବିଧାୟକ ନାଏକଙ୍କ ସହ ଉପଜିଲାପାଳ ବିଭୂତିଭୂଷଣ ନାୟକ, ସମ୍ବଲପୁର ଜନ ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ, କୁଚିଣ୍ଡା ସହକାରୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀ ଖର୍ଲା ନଦୀକୁ ଯାଇ ଇନ୍‌ଟେକ ୱେଲର ସ୍ଥିତି ଦେଖିଥିଲେ। ସହରରେ ଜଳ ସମସ୍ୟାକୁ ଆଖିଆଗରେ ରଖି ପ୍ରଶାସନ ବିକଳ୍ପ ବ୍ୟବସ୍ଥା କରୁଛି। ଏହାଛଡା ଜଳ ଯୋଗାଣରେ ଲୋକଙ୍କ ଯେଭଳି ସମସ୍ୟା ନ ହୁଏ ଏଥିପ୍ରତି ପଦକ୍ଷେପ ନିଆଯାଉଥିବା ବିଧାୟକ ନାଏକ କହିଛନ୍ତି।


ସ୍ଥିତି ପରଖୁଛନ୍ତି ବିଧାୟକ ଓ ପ୍ରଶାସନିକ ଅଧିକାରୀ।

# ପୋଖରୀରେ ବୁଡ଼ି ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ରିଆମାଳ, ୩୧।୫(ଡି.ଏନ୍.ଏ.)

ରିଆମାଳ ଥାନା ଅନ୍ତର୍ଗତ ଧରମପୁର ଗ୍ରାମରେ ଥିବା ପୋଖରୀରେ ବୁଡ଼ି ବୁଧବାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ବନ୍ଧୁପାଲି ଗ୍ରାମର ବୀର ଷଣ୍ଢଙ୍କ ଝିଅ ରାଣୀ(୧୦)। ରିଆମାଳ ପୋଲିସ ମୃତ ଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ରାଣୀ ଧରମପୁର ଗ୍ରାମସ୍ଥିତ ନିଜ ମାମୁଁ ଘରେ ରହି ପାଠ ପଢୁଥିଲେ। ବୁଧବାର ଅପରାହ୍ନ ୧୧ଟା ସମୟରେ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଥିବା ଅନ୍ୟ ଲୋକେ ରାଣୀଙ୍କୁ ପାଣି ମଧ୍ୟରୁ ଉଦ୍ଧାର କରି ଚିକିତ୍ସା ପାଇଁ ଛାତବର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କିନ୍ନରଙ୍କ ସାମ୍ବିଧାନିକ ଅଧିକାର, ସୁରକ୍ଷା ସମ୍ପର୍କିତ କର୍ମଶାଳା

ଦେବଗଡ଼,୩୧।୫(ଡି.ଏନ୍.ଏ.)

ଆଦର୍ଶ ଥାନା ପରିସରରେ କିନ୍ନରଙ୍କ ଅଧିକାର, ସୁରକ୍ଷା, ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଉପସ୍ଥିତ ରହି ସମ୍ବିଧାନରେ କିନ୍ନରଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କିନ୍ନରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥିତ କିନ୍ନରଙ୍କୁ ସଚେତନ କରାଯାଇଥିଲା। କିନ୍ନରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ନେଇ ଜିଲା ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଖୁବଶୀଘ୍ର ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ନାୟକ କହିଛନ୍ତି। ଜିଲା ପୋଲିସ ପକ୍ଷରୁ କିନ୍ନରଙ୍କ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସାମ୍ବିଧାନିକ ଅଧିକାର ପ୍ରତି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି।



କିନ୍ନରମାନଙ୍କ ସହ ପୋଲିସ ଅଧିକାରୀ।

# ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ

ଦେବଗଡ଼,୩୧।୫(ଡି.ଏନ୍.ଏ.)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସାଧନା ଦାଶ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିବା ବେଳେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟଠାରୁ ୧୦୦ ମିଟର ଦୂରତାରେ ତମାଖୁ ସାମଗ୍ରୀ ବିକ୍ରୀ ନିଷେଧ, ୧୮ ବର୍ଷରୁ କମ ପିଲାଙ୍କୁ ତମାଖୁ ସାମଗ୍ରୀ ବିକ୍ରି କରିବା ଅପରାଧ ବୋଲି ସଚେତନ କରାଇବା ସହ ତମାଖୁ ବର୍ଜନ ଉପରେ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଓ ଡା. ଦାଶଙ୍କ ସଭାପତିତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡିପିଏଚ୍‌ଓ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏଡିପିଏଚ୍‌ଓ (ଲେପର୍ସି) ଡ. ଧନୁର୍ଜୟ ମହନ୍ତ, ଏଡିପିଏଚଓ୍ (ଡିସି) ଡ. ବଂଶିଧର ପାତ୍ର ଏବଂ ପୋଲିସ ବିଭାଗ ଡିଆଇବି ଡିଏସ୍‌ପି ପ୍ରଦୀପ କେରକେଟା ପ୍ରମୁଖ ଅତିଥିଭାବେ ଯୋଗଦେଇ ତମାଖୁ ବର୍ଜନ ଉପରେ ଆଲୋକପାତ କରିଥିଲେ। ଏନ୍‌ସିଡି ମ୍ୟାନେଜର ଅମିୟ ସାହୁଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଏମ୍‌ଆର୍‌ସିଏଚ୍ ଜ୍ୟୋତ୍ସାରାଣୀ ଶର୍ମା ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

# ଗୋପାଳ ଚନ୍ଦ୍ରିକା ସମାଜର ପଞ୍ଚବାର୍ଷିକ ମହାସଭା

ଦେବଗଡ଼,୩୧।୫(ଡି.ଏନ୍.ଏ.)

ଦେବଗଡ଼ ସ୍ଥାନୀୟ ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପରେ ଜିଲା ସ୍ତରୀୟ ଗୋପାଳ ଚନ୍ଦ୍ରିକା ଯାଦବ ସମାଜର ୯ମ ପଞ୍ଚ ବାର୍ଷିକ ମହାସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଯାଦବ ମହାସଭାର ରାଜ୍ୟ ସଂଯୋଜକ ରଞ୍ଜନ ଉଦାବରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ଯାଦବ ସମାଜ ଯୁବ ସଭାପତି ପ୍ରଦୀପ ବେହେରା, ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କ ସହଧର୍ମିଣୀ ଅରୁନ୍ଧତୀ କୁମାରୀ ଦେବୀ, ବରଗଡ଼ ଜିଲା ଯାଦବ ସମାଜ ସଭାପତି ରାଜୁ ଘିବିଲା, କଟକ ଜିଲା ଯାଦବ ସମାଜ ସଂଯୋଜକ ନନ୍ଦଲାଲ ସିଂ ଯାଦବ, ଦେବଗଡ଼ ଜିଲା ଯାଦବ ସମାଜ ସଭାପତି ସ୍ୱପ୍ନେଶ୍ୱର ମହାକୁଳ ଓ ସଂଯୋଜକ ମନମୋହନ ମହାକୁଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଯାଦବ ସମାଜକୁ କିଭଳି ଅଧିକରୁ ଅଧିକ ସୁଦୃଢ଼ କରାଯାଇପାରିବ ସେନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଯାଦବ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଏଥିସହ ରାଜ୍ୟ ରାଜଧାନୀ ତଥା ଜିଲା ସଦର ମହକୁମାରେ ଯାଦବ ସମାଜ ଭବନ ନିର୍ମାଣ, ଯାଦବ ସମାଜର ଲୋକଙ୍କୁ ଜଙ୍ଗଲ ଜମି ପ୍ରଦାନ ଏବଂ ଶିକ୍ଷାର ବିକାଶ ପାଇଁ ପଛୁଆ ବର୍ଗ ଛାତ୍ରବାସ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା।


୯ମ ପଞ୍ଚ ବାର୍ଷିକ ମହାସଭାରେ ମଞ୍ଚାସୀନ ଅତିଥି।

